## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଶ୍ରୀଜଗନ୍ନାଥ ସେବା ପ୍ରତିଷ୍ଠାନ ଫାଉଣ୍ଡେଶନର ସପ୍ତମ ସ୍ୱନକ୍ଷତ୍ର ମହୋତ୍ସବ, ବିଶ୍ୱଶାନ୍ତି ଆଧାତ୍ମିକ ଯୋଗାଶ୍ରମ, ଖଣ୍ଡଗିରି, ପୂର୍ବାହ୍ନ ୯ଟା।
- ଇଣ୍ଡିଆନ ଆଇଡିଆଲ୍ ସିଜନ୍-୧୩ ଅଡିଶନ, ଡୁନ୍ ଇଣ୍ଟରନ୍ୟାଶନାଲ ସ୍କୁଲ, ଏମ୍ସ ନିକଟ, ପୂର୍ବାହ୍ନ ୧୦ଟା ୩୦।
- ଦ ଆନମ୍ ଏବଂ ଉତ୍ସ ପକ୍ଷରୁ ଲେଖକ କୁମାର ମହାନ୍ତି ମେମୋରିଆଲ ବକ୍ତୃତା, ଉତ୍ସ ଫାଉଣ୍ଡେଶନ, ଭିଆର୍ ୩୯, ୟୁନିଟ୍-୬,ପୂର୍ବାହ୍ନ ୧୧ଟା।
- ମାତୃ ସମ୍ମିଳନୀ, କସ୍ତୁରବା ଶିକ୍ଷାଶ୍ରମ, ନୟାପଲ୍ଲୀ, ପୂର୍ବାହ୍ନ ୧୧ଟା।
- ଆଶାଏଁ ପକ୍ଷରୁ ମାଟ୍ରିକ ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା, ରୋଟାରି ଭବନ, ୟୁନିଟ୍-୯, ଅପରାହ୍ନ ୩ଟା।
- ଭାରତୀୟ ଭ୍ରଷ୍ଟାଚାର ନିବାରଣ ସଂସ୍ଥା ପକ୍ଷରୁ ସେମିନାର୍, ଗୀତଗୋବିନ୍ଦ ସଦନ, ସନ୍ଧ୍ୟା ୬ଟା।
- ଗୁରୁ ଗଙ୍ଗାଧର ପ୍ରଧାନଙ୍କ ୭୪ତମ ଜୟନ୍ତୀ ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ମିଳିତ ସହଯୋଗରେ ଆୟୋଜିତ ଗୁରୁ ଗଙ୍ଗାଧର ପ୍ରଧାନ ଶିଶୁ ପ୍ରତିଭା ସମ୍ମାନ, ଉତ୍କଳ ରଙ୍ଗମଞ୍ଚ, ସନ୍ଧ୍ୟା ୭ଟା।
- ୨୪ତମ ଶିଶୁ ମହୋତ୍ସବ, ବୁଦ୍ଧ ମନ୍ଦିର, ୟୁନିଟ୍-୯, ସନ୍ଧ୍ୟା ୭ଟା।

ବାଲିଅନ୍ତା
- ମହାପ୍ରଭୁ ଶ୍ରୀପତିତପାବନ ଦେବଙ୍କ ସୁନାବେଶ, କାକରୁଦ୍ରପୁର, ସନ୍ଧ୍ୟା ୭ଟା।

# ପୋଡ଼ପିଠା ଲାଗି ନେଇ ୨ ସେବାୟତ ମୁହାଁମୁହିଁ

ପୁରୀ ଅଫିସ,୯।୭

ମହାପ୍ରଭୁଙ୍କ ବାହୁଡ଼ାଯାତ୍ରା ସମୟରେ ମାଉସୀ ମା'ଙ୍କ ମନ୍ଦିର ନିକଟରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ମହାପ୍ରଭୁଙ୍କୁ ପୋଡ଼ପିଠା ଅର୍ପଣ କରିବାକୁ ନେଇ ଦୁଇ ସେବାୟତ ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ହୋଇଥିଲେ। ଏପରିକି ହାତାହାତି ସମୟରେ ଠାକୁରଙ୍କ ପାଇଁ ଅର୍ପଣ ହେବାକୁ ଥିବା ପୋଡ଼ପିଠା ହାଣ୍ଡି ତଳେ ପଡ଼ି ଭାଙ୍ଗିଯାଇଥିଲା। ତେବେ ଶ୍ରୀବିଗ୍ରହମାନଙ୍କୁ ପୋଡ଼ ପିଠା ଭୋଗ ସମର୍ପଣକୁ ନେଇ ବିବାଦ କାରଣରୁ ଏପରି ଘଟଣା ଘଟିଛି। ସୂଚନାଯୋଗ୍ୟ, ମାଉସୀ ମା' ମନ୍ଦିରର ବର୍ତ୍ତମାନର ପୂଜକ ବିଶ୍ୱନାଥ ମିଶ୍ର ଓ ପୂର୍ବରୁ ସେବକ ଥିବା ରଘୁନାଥ ଦାଶଙ୍କ ପୁଅ ମନୋରଞ୍ଜନ ମିଶ୍ରଙ୍କ ମଧ୍ୟରେ ପୋଡ଼ପିଠା ସେବାକୁ ନେଇ ଅନେକ ବର୍ଷ ହେବ ବିବାଦ ଲାଗି ରହିଛି। ଏପରିକି ଏହି ବିବାଦ କୋର୍ଟ ଯାଏଁ ଯାଇଥିବା ବେଳେ ତାହା ବିଚାରାଧୀନ ରହିଛି। ତେବେ ବିବାଦ ପରେ ମଧ୍ୟ ପ୍ରତ୍ୟେକ ବର୍ଷ ଦୁଇପକ୍ଷ ଯଥା ବିଶ୍ୱନାଥ ଏବଂ ମନୋରଞ୍ଜନ ଉଭୟ ମହାପ୍ରଭୁଙ୍କୁ ପୋଡପିଠା ଅର୍ପଣ କରିଆସୁଛନ୍ତି।

ଶନିବାର ଶ୍ରୀଗୁଣ୍ଡିଚା ମନ୍ଦିରରୁ ଦାରୁବିଗ୍ରହ ଫେରିବା ସମୟରେ ମନୋରଞ୍ଜନ ପୋଡ ପିଠା ଧରି ମାଉସୀ ମା' ମନ୍ଦିର ନିକଟରେ ତାଙ୍କ

## ପୋଡ଼ପିଠା ହାଣ୍ଡି ତଳେ ପଡ଼ି ଭାଙ୍ଗିଲା



ପରିବାର ସହ ଠିଆ ହୋଇଥିଲେ। ତେବେ ସେ ମନ୍ଦିର ସମ୍ମୁଖରେ ଠିଆ ହୋଇଥିବା ନେଇ ବିଶ୍ୱନାଥ ଗୋଷ୍ଠୀ ପକ୍ଷରୁ ବିରୋଧ କରାଯାଇଥିଲା। ଏହାକୁ ମନୋରଞ୍ଜନ ପ୍ରତିବାଦ କରିବାରୁ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ବଚସା ହୋଇ ହାତାହାତି ହୋଇଥିଲେ। ଫଳରେ ମନୋରଞ୍ଜନ ଧରିଥିବା ପୋଡ଼ପିଠା ହାଣ୍ଡି ତଳେ ପଡ଼ି ଭାଙ୍ଗିଯାଇଥିଲା। ମା ସୁଭଦ୍ରାଙ୍କ ରଥ ମାଉସୀ ମା ମନ୍ଦିର ପାଖାପାଖି ହୋଇଥିବା ସମୟରେ ଏପରି ଘଟଣା ଘଟିଥିଲା। ଖବରପାଇ କୁମ୍ଭାରପଡା ଥାନା ଅଧିକାରୀ ଏବଂ ଶ୍ରୀମନ୍ଦିର ସୁରକ୍ଷାରେ ଥିବା ପୋଲିସ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ବୁଝାଶୁଝା କରିଥିଲେ। ମନୋରଞ୍ଜନଙ୍କୁ ଆକ୍ରମଣ ହୋଇଥିବା ନେଇ କୁମ୍ଭାରପଡା ଥାନାରେ ଏକ ଲିଖିତ ଅଭିଯୋଗ ହୋଇଛି। ମନୋରଞ୍ଜନଙ୍କ କହିବା ଅନୁଯାୟୀ, ତାଙ୍କ ଜେଜେବାପା ଅମଳରୁ ତାଙ୍କ ପରିବାର ମାଉସୀ ମା'ଙ୍କ ପୂଜା କରିବା ସହ ମହାପ୍ରଭୁଙ୍କୁ ପୋଡ଼ ପିଠା ଅର୍ପଣ କରୁଥିଲେ। ତାଙ୍କ ନିକଟରେ ମଧ୍ୟ ପଟ୍ଟା ରହିଛି। ମାତ୍ର ବିଶ୍ୱନାଥ

- ପୂର୍ବରୁ ଲାଗି ରହିଛି ବିବାଦ
- କୋର୍ଟରେ ବିଚାରାଧୀନ ରହିଛି

ଜବରଦସ୍ତ ତାଙ୍କୁ ସେବାରୁ ନିବୃତ କରି ସେ ମାଙ୍କ ପୂଜା କରୁଛନ୍ତି ଓ ମହାପ୍ରଭୁଙ୍କୁ ପୋଡପିଠା ଅର୍ପଣ କରୁଛନ୍ତି। ଏ ନେଇ କୋର୍ଟରେ ମାମଲା ବିଚାରାଧୀନ ରହିଛି। ତେବେ ପ୍ରତିବର୍ଷ ଭଳି ଚଳିତବର୍ଷ ସେ ଶ୍ରୀବିଗ୍ରହଙ୍କ ନିମନ୍ତେ ପୋଡ଼ପିଠା ପ୍ରସ୍ତୁତ କରିଥିଲେ। ମାତ୍ର ବିଶ୍ୱନାଥ ଓ ତାଙ୍କ ପରିବାର ଲୋକ ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ସେ ମା ସୁଭଦ୍ରାଙ୍କ ଉଦ୍ଦେଶ୍ୟରେ ଆଣିଥିବା ପୋଡପିଠା ହାଣ୍ଡି ତଳେ ପଡି ଭାଙ୍ଗିଯାଇଥିଲା। ଅନ୍ୟପଟେ ସ୍ୱର୍ଗତ ଲୋକନାଥ ଦାସଙ୍କ ପୁଅ ହେଉଛନ୍ତି ରଘୁନାଥ ଦାସ। ତେବେ ରାଘୁନାଥଙ୍କ ସନ୍ତାନ ନ ଥିବାରୁ ସେ ତାଙ୍କ ଭଉଣୀଙ୍କ ପୁଅ ମନୋରଞ୍ଜନ ମିଶ୍ରଙ୍କୁ ପୁଅ କରିଥିଲେ। ଫଳରେ ସେବାର ଅଧିକାରୀ ସେ ଅଟନ୍ତି ବୋଲି ମନୋରଞ୍ଜନ କହିଛନ୍ତି। ଅପରପକ୍ଷେ ମାଉସୀ ମା ମନ୍ଦିର ପୂଜକ ବିଶ୍ୱନାଥ ମିଶ୍ର କହିଛନ୍ତି, ସେ ଏହି ସେବା ତାଙ୍କ ବଂଶାନୁକ୍ରମିକ ଭାବେ ପାଇଛନ୍ତି। ତେଣୁ ଏ ସେବା ପାଇଁ ସେ ହକ୍‌ଦାର ବୋଲି ଦାବି କରିଛନ୍ତି। ତେବେ ମହାପ୍ରଭୁଙ୍କ ସେବାକୁ ନେଇ ଏପରି ବିବାଦ ଘଟଣାକୁ ସାଧାରଣରେ ନାପସନ୍ଦ କରାଯାଇଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ମନୋଜ



@ କୁନ୍‌ମୁନ୍



@ ସୁନୀଲ



@ ଜିତୁ



@ ରଞ୍ଜିତ୍



@ ସାଇସ୍ମିତା

## ବ୍ଲକ୍ କାର୍ଯ୍ୟାଳୟରେ ଜିଏସ୍‌ଟି ଟିମ୍‌ର ଚଢ଼ାଉ

**କଟକ ସଦର,୯।୭(ଡି.ଏନ.ଏ.):** କଟକ ସଦର ବ୍ଲକରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବାବଦୀୟ ବିଲ୍‌ରେ ଜାଲ୍ ଜିଏସ୍‌ଟି ରସିଦ୍ ବ୍ୟବହାର କରାଯାଉଥିବା ବାଣିଜ୍ୟକର ଏନ୍‌ଫୋର୍ସମେଣ୍ଟ ଟିମ୍ ନିକଟରେ ଅଭିଯୋଗ ହୋଇଥିଲା। ଫଳରେ ଅଭିଯୋଗର ସତ୍ୟତା ଜାଣିବା ପାଇଁ ଶୁକ୍ରବାର ଟିମ୍‌ର ସଦସ୍ୟମାନେ ବ୍ଲକ କାର୍ଯ୍ୟାଳୟରେ ଚଢ଼ାଉ କରିଥିଲେ। ଏଥିସହ ୨୦୧୮-୨୦୨୨ ମଧ୍ୟରେ ହୋଇଥିବା ସମସ୍ତ କାର୍ଯ୍ୟର ଜିଏସ୍‌ଟି ରସିଦ୍ ଦେଖିବାକୁ ଚାହିଁଥିଲେ। ହେଲେ ଏହାକୁ ଦେଖାଇବା ପାଇଁ ବ୍ଲକ କର୍ତ୍ତୃପକ୍ଷ ସମୟ ମାଗିଥିବା ଜଣାପଡିଛି। ୨୦୨୦ରୁ ବ୍ଲକର ୨୩ଟି ପଞ୍ଚାୟତର ସମସ୍ତ ଫାଇଲ ବିତ୍ତୀୟ ଅଧିକାରୀଙ୍କ ଦ୍ୱାରା ଯାଞ୍ଚ କରାଯାଉଛି। ମାତ୍ର ୨୦୧୪-୨୦୨୦ ମାର୍ଚ୍ଚ ମଧ୍ୟରେ ପଞ୍ଚାୟତର କୌଣସି ଗୋଟିଏ ଫାଇଲ୍‌ରେ ଜିଏସ୍‌ଟି ରସିଦ୍‌ର ଯାଞ୍ଚ ବିତ୍ତୀୟ ଅଧିକାରୀ କରିଛନ୍ତି କି ନାହିଁ ତାହାର ତଦନ୍ତ କରାଯାଉଛି। ସିମେଣ୍ଟ ବିକ୍ରିବା ପାଇଁ ଥିବା ଜିଏସ୍‌ଟି ନମ୍ବରରେ ରଡ଼ ରସିଦ ଓ ବୈଦ୍ୟୁତିକ ସାମଗ୍ରୀ ବିକ୍ରିବା ପାଇଁ ଥିବା ଜିଏସ୍‌ଟି ନମ୍ବରରେ ଇଟା ରସିଦ୍ ବ୍ୟବହାର ହୋଇଥିବା ଅଭିଯୋଗ ହୋଇଛି। ଜାଲ୍ ରସିଦ୍ ବଳରେ ବହୁ ଟଙ୍କାର କର ଫାଙ୍କି ଦିଆଯାଇଥିବା ଅଭିଯୋଗ ପରେ ବାଣିଜ୍ୟ କର ବିଭାଗ ଏଭଳି ପଦକ୍ଷେପ ନେଇଥିବା କୁହାଯାଉଛି।

# ଗଜପତିଙ୍କ ଦ୍ୱାରା ଲକ୍ଷ୍ମୀନାରାୟଣ ଭେଟ



ଗଜପତି ମହାରାଜା ଦିବ୍ୟସିଂହ ଦେବ ମହାଲକ୍ଷ୍ମୀ(ଶ୍ରୀଦେବୀ)ଙ୍କୁ ହାତରେ ଧରି ମହାପ୍ରଭୁଙ୍କୁ ଭେଟ କରାଉଛନ୍ତି।

ପୁରୀ ଅଫିସ,୯।୭

ଆଷାଢ଼ ମାସ ଶୁକ୍ଳପକ୍ଷ ଦଶମୀ ତିଥିରେ ନବଦିନାତ୍ମକ ଯାତ୍ରା ସାରି ଜନ୍ମବେଦିରୁ ରତ୍ନବେଦି ଅଭିମୁଖେ ଶନିବାର ମହାପ୍ରଭୁ ଜଗନ୍ନାଥ ବଡ଼ଭାଇ ବଳଭଦ୍ର ଏବଂ ଭଉଣୀ ସୁଭଦ୍ରାଙ୍କୁ ସାଙ୍ଗରେ ନେଇ ଫେରିଛନ୍ତି। ସେପଟେ ମହାପ୍ରଭୁଙ୍କ ରଥ ଶ୍ରୀନଅର ନିକଟତର ହେବାରୁ ଶ୍ରୀମନ୍ଦିର ଚାହାଣି ମଣ୍ଡପରେ ରହି ସ୍ୱାମୀ ଆସୁଥିବା ବାଟକୁ ଚାହିଁ ରହିଥିଲେ ମା' ଲକ୍ଷ୍ମୀ ଠାକୁରାଣୀ। ଅପରପକ୍ଷେ ସନ୍ଧ୍ୟା ପୂର୍ବରୁ ସିଂହଦ୍ୱାର ସମ୍ମୁଖରେ ରଥରେ ପହଞ୍ଚି ସାରିଥାନ୍ତି ବଡ଼ଠାକୁର ବଳଭଦ୍ର ଏବଂ ମା' ସୁଭଦ୍ରା। ମହାପ୍ରଭୁ ରଥାରୂଢ଼ ହୋଇ ଶ୍ରୀମନ୍ଦିର ଅଭିମୁଖେ ଆସୁଥିବା ଜାଣି ମହାଲକ୍ଷ୍ମୀ ଚାହାଣୀ ମଣ୍ଡପକୁ ଆସି ଦେଖିଥାନ୍ତି। ସେହିଭଳି ମହାଲକ୍ଷ୍ମୀ ଚାହାଣୀ ମଣ୍ଡପ ଆସିବା ଜାଣିପାରି ପ୍ରଭୁ ବଳଭଦ୍ର ତାଙ୍କ ତାଳଧ୍ୱଜ ରଥରେ ଘେର କନା ଦେଇଥିଲେ। ପରେ ମା' ମହାଲକ୍ଷ୍ମୀ ମହାପ୍ରଭୁଙ୍କୁ ଭେଟ କରିବା ପାଇଁ ଘଣ୍ଟ, ଛତ୍ରୀ ଓ କାହାଳୀ ସହ ସେବାୟତଙ୍କ ପଟୁଆରରେ ପାଲିଙ୍କିରେ ସିଂହଦ୍ୱାର ଦେଇ ଶ୍ରୀନଅର ନିକଟକୁ ଆସିଥିଲେ। ସେପଟେ ମା'ଙ୍କ ଆଗମନ କଥା ଜାଣିପାରି ମହାପ୍ରଭୁ ତାଙ୍କ ନନ୍ଦିଘୋଷ ରଥକୁ ଶ୍ରୀନଅର ସମ୍ମୁଖରେ ଅଟକାଇ ଥିଲେ। ମହାଲକ୍ଷ୍ମୀ ମହାପ୍ରଭୁଙ୍କୁ ଭେଟିବାକୁ ଆସୁଥିବା ଖବରପାଇ ଗଜପତି ମହାରାଜା ଦିବ୍ୟସିଂହ ଦେବ ବାହାରକୁ ଆସି ମହାଲକ୍ଷ୍ମୀ(ଶ୍ରୀଦେବୀ)ଙ୍କୁ ହାତରେ ବିଜେ କରାଇ ଆଣି ମହାପ୍ରଭୁଙ୍କୁ ଭେଟ କରାଇଥିଲେ। ଶ୍ରୀଜଗନ୍ନାଥଙ୍କଠାରୁ ଆଜ୍ଞାମାଳ ଆଣି ଲକ୍ଷ୍ମୀଙ୍କୁ ପ୍ରଦାନ କରାଯାଇଥିଲା। ଏହାପରେ ପାଲିଙ୍କି ସହ ଗଜପତି ରଥ ପରିକ୍ରମା କରି ବାମ ପାର୍ଶ୍ୱରେ ବନ୍ଦାପନା ନୀତି ସମ୍ପନ୍ନ ହୋଇଥିଲା। ପରେ ଶ୍ରୀନଅର ସମ୍ମୁଖରେ ପନ୍ତି ଭୋଗ ସମ୍ପନ୍ନ ହୋଇଥିଲା। ଏହାପରେ ମା' ଲକ୍ଷ୍ମୀ ପାଲିଙ୍କିରେ ବିଜେ ହୋଇ ଶ୍ରୀମନ୍ଦିରକୁ ବାହୁଡା ବିଜେ କରିଥିଲେ। ପୁନର୍ବାର ସିଂହଦ୍ୱାର ଅଭିମୁଖେ ନନ୍ଦିଘୋଷ ରଥ ଗଡ଼ିଥିଲା। ତେବେ ବଡ଼ଦାଣ୍ଡରେ ଶ୍ରୀନଅର ସମ୍ମୁଖରେ ହେଉଥିବା ଏହି ନୀତିକୁ ଲକ୍ଷ୍ମୀ ନାରାୟଣ ଭେଟ ବୋଲି କୁହାଯାଇଥାଏ। ଦୁଇବର୍ଷ ପରେ ଲକ୍ଷ୍ମୀ ନାରାୟଣ ଭେଟ ଦର୍ଶନ କରି ଭକ୍ତମାନେ ବେଶ୍ ଆନନ୍ଦିତ ହୋଇଥିଲେ।

## ସିଂହଦ୍ୱାର ଗୁମୁଟ ଉପରୁ ଉଡ଼ିଲା ଟଙ୍କା



ପୁରୀ ଅଫିସ,୯।୭

ଶ୍ରୀମନ୍ଦିର ସିଂହଦ୍ୱାର ଗୁମୁଟ ଉପରୁ ଶନିବାର ଟଙ୍କା ଉଡୁଥିବାର ଦେଖିବାକୁ ମିଳିଛି। ପୂର୍ବାହ୍ନରେ ଜଣେ ମହିଳା ଭକ୍ତ ସିଂହଦ୍ୱାର ନିକଟରେ ଦର୍ଶନ ପାଇଁ ଆସିଥିଲେ। ଏହି ସମୟରେ ଗୋଟିଏ ମାଙ୍କଡ଼ ହଠାତ୍ ଆସି ଉକ୍ତ ମହିଳାଙ୍କ ଭ୍ୟାନିଟ୍ କୁ ଛଡ଼ାଇ ନେଇଯାଇ ଶ୍ରୀମନ୍ଦିର ଗୁମୁଟ ଉପରକୁ ଚଢ଼ିଯାଇଥିଲା। ଏହାପରେ ଗୁମୁଟ ଉପରେ ବସି ମାଙ୍କଡ଼ ଭ୍ୟାନିଟ୍‌ଟି ଚିରିବାରେ ଲାଗିଥିଲା। ପ୍ରଥମେ ବ୍ୟାଗକୁ ଚିରିବାରେ ଲାଗିଥିଲା। ଏହାପରେ ଭ୍ୟାନିଟ୍‌ର ଗୋଟିଏ ପକେଟ୍‌ରେ ଥିବା ୫ଶହ ଟଙ୍କା ନୋଟ୍‌କୁ ବାହାର କରି ତଳକୁ ଫିଙ୍ଗିଥିଲା। ବ୍ୟାଗଟିକୁ ଧରି ମାଙ୍କଡ଼ ବିଭିନ୍ନ ସ୍ଥାନରେ ପହଞ୍ଚି ଏଭଳି କାଣ୍ଡ ଘଟାଇଥିଲା। ତେବେ ମହିଳାଙ୍କ ପରିବାର ଲୋକେ ବହୁ ଚେଷ୍ଟା କରିବା ସତ୍ତ୍ୱେ ମଧ୍ୟ ମାଙ୍କଡ଼ ଭ୍ୟାନିଟଟିକୁ ଛାଡ଼ି ନ ଥିଲା। ପରିବାର ଲୋକେ ବାଧ୍ୟ ହୋଇ ଫୋପାଡ଼ି ଦେଉଥିବା ଟଙ୍କାକୁ ଏଣେ ତେଣେ ଗୋଟାଇବାରେ ଲାଗିଥିଲେ। ତେବେ ଅଧିକାଂଶ ନୋଟ୍‌କୁ ମାଙ୍କଡ଼ ଦାନ୍ତରେ ଚିରି ନଷ୍ଟ କରିଦେଇଥିଲା।

## ଯୁବକଙ୍କ ମୃତଦେହ ଜବତ

**କଟକ ଅଫିସ, ୯।୭:** ଜଗତ୍‌ପୁର ଥାନା ଅଧୀନ କାଳିଆବୁଦା ନିକଟ ମହାନଦୀକୂଳରୁ ଶନିବାର ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ କଟକ କାଠଗଡା ସାହିର ଅଙ୍କିତ୍ ଅଗ୍ରୱାଲ(୩୫)। ଜଗତପୁର ଥାନା ଅଧିକାରୀ ରବୀନ୍ଦ୍ରନାଥ ମେହେରଙ୍କ ସୂଚନା ଅନୁଯାୟୀ, ପାରିବାରିକ କଳହ ଯୋଗୁ ଅଙ୍କିତ୍ କେଉଁଆଡେ ଚାଲିଯାଇଥିଲେ। ତାଙ୍କୁ ଖୋଜାଖୋଜି କରିବା ପରେ ମଧ୍ୟ ପତ୍ତା ମିଳି ନ ଥିଲା। ପରେ ଶୁକ୍ରବାର ତାଙ୍କ ନିଖୋଜ ସମ୍ପର୍କରେ ପରିବାର ଲୋକେ ପୁରୀଘାଟ ଥାନାରେ ଅଭିଯୋଗ କରିଥିଲେ। ଶନିବାର ସକାଳେ ତାଙ୍କ ମୃତଦେହ ମହାନଦୀ କୂଳରେ ପଡିଥିବା ଦେଖିବାକୁ ମିଳିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇଥିଲା। ଏ ନେଇ ଥାନାରେ ଏକ ମାମଲା(ନଂ.୪୪/୨୨) ରୁଜୁ ହୋଇଛି। ପାରିବାରିକ କଳହରୁ ଅଙ୍କିତ୍ ଆତ୍ମହତ୍ୟା କରିଥିବା ପୋଲିସ ଅନୁମାନ କରୁଛି।

## ଚଳଚ୍ଚିତ୍ର 'ଭାଇ'ର ପୋଷ୍ଟର ରିଲିଜ

**ଭୁବନେଶ୍ୱର,୯।୭(ବ୍ୟୁରୋ):** ପୃଥ୍ୱୀରାଜ ପଟ୍ଟନାୟକଙ୍କ ଓଲିଉଡ୍ ଫିଲ୍ମ 'ଭାଇ'ର ପୋଷ୍ଟର ଓ ଫାଷ୍ଟଲୁକ୍ ରିଲିଜ ହୋଇଛି। ମୁଖ୍ୟ ଚରିତ୍ରରେ ଅମ୍ଲାନ, ସୁଜିତ, ଦିବ୍ୟା, ଅନନ୍ୟା ଥିବାବେଳେ ଖଳନାୟକ ଭୂମିକାରେ ବିକାଶ ରହିଛନ୍ତି। ଏହାର କାହାଣୀ, ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ନିଜେ ପୃଥ୍ୱୀରାଜ ଦେଇଥିବାବେଳେ ସଂଳାପ ରବିନାରାୟଣ ଦାସ ଲେଖିଛନ୍ତି। ଗୀତ ଅରୁଣ ମନ୍ତ୍ରୀ ଓ ରଞ୍ଜନ ନାୟକ ରଚନା କରିଥିବାବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ନବ ଓ ସରୋଜ। ସିନେମାର କ୍ରିଏଟିଭ ହେଡ୍ ରହିଛନ୍ତି ପ୍ରଣୟ ଜେଠୀ। ସିନେମାର ଶୁଟିଂ ଚଳିତ ମାସ ଶେଷ ସପ୍ତାହରୁ ଆରମ୍ଭ ହେବ।

# ଶ୍ୱଶୁରଘର ଗାଁରୁ ସ୍ୱାଇଁଙ୍କ ମୃତଦେହ ମିଳିଲା

ବାଣପୁର,୯।୭(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବାଣପୁର ଥାନା ଅଧୀନ ବାଲିପଦର ଗ୍ରାମ ନିକଟ ବିଲରୁ ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ସେ ହେଲେ ମଙ୍ଗରାଜପୁର ଗ୍ରାମର କାଶୀନାଥ ପଲାଇ ଓରଫ ସନିଆ (୩୦)। ତେବେ ସନିଆଙ୍କ ଶ୍ୱଶୁରଘର ବାଲିପଦର ଗ୍ରାମରେ ହୋଇଥିବା ବେଳେ ବିଲରୁ ତାଙ୍କ ମୃତଦେହ ମିଳିବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଅନ୍ୟପକ୍ଷରେ ଶ୍ୱଶୁରଘର ଲୋକେ ସନିଆଙ୍କୁ ବିଷ ପିଆଇ ମାରିଦେଇଛନ୍ତି ବୋଲି ଭାଇ ସାଗର ପଲାଇ ଶନିବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ସୂଚନା ମୁତାବକ, ଦୀର୍ଘଦିନ ହେବ କୌଣସି କାରଣ ପାଇଁ ସନିଆ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ମନାନ୍ତର ଲାଗିରହିଥିଲା। ଏପରି କି କିଛିଦିନ ପୂର୍ବେ ସନିଆଙ୍କ ସ୍ତ୍ରୀ ଥାନାରେ ଅଭିଯୋଗ କରିଥିଲେ। ତେବେ ସନିଆ ଭୁବନେଶ୍ୱରରେ ରହୁଥିବା ବେଳେ ଶୁକ୍ରବାର ପୁଅକୁ ଦେଖା କରିବା ପାଇଁ ଶ୍ୱଶୁର ଘରକୁ ଯାଇଥିଲେ। ବିଳମ୍ବିତ ରାତିରେ ସନିଆ ବିଲରେ ଅଚେତ ଅବସ୍ଥାରେ ପଡ଼ିଥିବା ଖବର ପାଇ ସ୍ଥାନୀୟ ଲୋକେ ଉଦ୍ଧାର କରି ବାଣପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମୃତକଙ୍କ ଭାଇ ସାଗର ଅଭିଯୋଗ କରିବା ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ପ୍ରାଥମିକ ତଦନ୍ତ ସମୟରେ ପୋଲିସ ମୃତଦେହ ନିକଟରୁ ଏକ ବ୍ୟାଗ୍ ସହ ଖାଲିଥିବା କୀଟନାଶକ ବୋତଲ ଜବତ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଥାନା ଅଧିକାରୀ ଜୟରାମ ପରିଡ଼ା କହିଛନ୍ତି।

# ହାତବନ୍ଧା ଅବସ୍ଥାରେ ଝୁଲନ୍ତା ମୃତଦେହ ଜବତ

ଭୁବନେଶ୍ୱର,୯।୭(ବ୍ୟୁରୋ)

ଦୁଇ ହାତରେ ପିନ୍ଧିଥିବା କଡ଼ାରେ ପଡ଼ିଥିଲା ତାଲା। ପାଟିରେ ବନ୍ଧା ହୋଇଥିଲା ରୁମାଲ। ଘର ଆଜ୍‌ବେଷ୍ଟସ୍ ଲୁହାରେ କମ୍ବଳ ଦ୍ୱାରା ଝୁଲୁଥିଲା ମୃତଦେହ। ଏୟାରପୋର୍ଟ ଥାନା ଅନ୍ତର୍ଗତ ନିୟୁ ଫରେଷ୍ଟ ପାର୍କ ଅଞ୍ଚଳରେ ଥିବା ଏକ ଘରୁ ଏଭଳି ସନ୍ଦେହଜନକ ଅବସ୍ଥାରେ ଶନିବାର ଜଣେ ଯୁବକଙ୍କ ମୃତଦେହ ମିଳିଛି। ମୃତ ଯୁବକ ହେଲେ ଖୋର୍ଦ୍ଧା ଜିଲା ସରପାରି ଗାଁର ଜ୍ୟୋତି ରଞ୍ଜନ ସାହୁ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ଏଥିସହ ଜ୍ୟୋତିଙ୍କ ପାଖରୁ ଏକ ମୋବାଇଲ ଫୋନ ଓ ନିକଟରେ ପଡିଥିବା ଏକ ଚାବି ମିଳିଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅପରପକ୍ଷରେ ପୁଅ ହାତରେ କଡି ପଡିବା ଓ ପାଟିରେ ରୁମାଲ ବନ୍ଧା ହୋଇଥିବାରୁ କେହି ହତ୍ୟା କରି ଟାଙ୍ଗି ଦେଇଥିବା ପରିବାର ଲୋକେ ସନ୍ଦେହ କରିଛନ୍ତି। ତେଣୁ ଘଟଣାର ଠିକ ତଦନ୍ତ କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ସେପଟେ ହସ୍ପିଟାଲରେ ମୃତଦେହ ବିଳମ୍ବରେ





- ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ
- ମୋବାଇଲ ଜବତ, ପୋଲିସର ତଦନ୍ତ ଆରମ୍ଭ

ପହଞ୍ଚିବାରୁ ବ୍ୟବଚ୍ଛେଦ ହୋଇପାରିନାହିଁ। ରବିବାର ପରିବାର ଲୋକଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦ କରାଯିବ ବୋଲି ଏୟାରପୋର୍ଟ ଥାନା ଅଧିକାରୀ ଉମାକାନ୍ତ ପ୍ରଧାନ କହିଛନ୍ତି। ପୋଲିସ ଓ ପରିବାର ଲୋକଙ୍କ ସୂଚନାନୁଯାୟୀ, ଜ୍ୟୋତି ଗତ ୪ ମାସ ହେବ ଭୁବନେଶ୍ୱରସ୍ଥିତ ଏକ କମ୍ପାନୀରେ ଅଫିସ ବୟ ଭାବେ କାମ କରୁଥିଲେ। ନିୟୁ ଫରେଷ୍ଟ ପାର୍କ ଅଞ୍ଚଳରେ ଥିବା କମ୍ପାନୀର ଏକ ଆଜ୍‌ବେଷ୍ଟସ୍ ଘରେ ରହୁଥିଲେ। ଶନିବାର ସେ ଅଫିସ ନ ଆସିବାରୁ କମ୍ପାନୀ ମାଲିକ ସମୀର ମିଶ୍ର ପଡୋଶୀଙ୍କୁ କଲ୍ କରି ଜ୍ୟୋତିଙ୍କୁ ପଠାଇବାକୁ କହିଥିଲେ। ପଡୋଶୀ ଜଣକ ଜ୍ୟୋତିଙ୍କ ଘରକୁ ଯିବାବେଳେ ଭିତର ପଟୁ ବନ୍ଦ ରହିଥିବା ଦେଖିଥିଲେ। ଏହାପରେ ସେ ଝରକା ପଟେ ଡାକ ପକାଇଥିଲେ ମଧ୍ୟ ଜ୍ୟୋତି କୌଣସି ଉତ୍ତର ଦେଇ ନ ଥିଲେ। ଫଳରେ ସେ ଝରକା କବାଟକୁ ଠେଲି ଭିତରକୁ ଚାହିଁବାରୁ ଜ୍ୟୋତି ଝୁଲୁଥିବା ଦେଖିବାକୁ ପାଇଥିଲେ। ଏନେଇ ସେ ସମୀରଙ୍କୁ ଫୋନ୍ କରି ଘଟଣା ସମ୍ପର୍କରେ ଜଣାଇଥିଲେ। ସମୀର ଘଟଣାସ୍ଥଳରେ ପହଞ୍ଚି ପଡୋଶୀଙ୍କ ଉପସ୍ଥିତିରେ କବାଟ ଭାଙ୍ଗି ଭିତରେ ପଶିଥିଲେ। ଏହାପରେ ସେ ତୁରନ୍ତ ପୋଲିସକୁ ସ୍ଥିତି ସମ୍ପର୍କରେ ଜଣାଇଥିଲେ। ପୋଲିସ ଅପରାହ୍ନ ୨ଟାରେ ପହଞ୍ଚି ମୃତଦେହକୁ ଜବତ କରିଥିଲା। ଏଥିସହ ପୋଲିସ ଘଟଣାସ୍ଥଳରେ ଛାନ୍‌ଭିନ୍ କରିବା ସହ ପଡୋଶୀ ଓ ପରିବାର ଲୋକଙ୍କୁ ପଚରାଉଚରା କରି ତଦନ୍ତ ଆରମ୍ଭ କରିଥିଲା। ମାସକ ଭିତରେ ରାଜଧାନୀରେ ୫ରୁ ଉର୍ଦ୍ଧ୍ୱ ଆତ୍ମହତ୍ୟା ଘଟଣା ଘଟିଛି। ବିଜେବି କଲେଜ ଛାତ୍ରୀ ରୁଚିକା ମହାନ୍ତି, ଏକ ଘରୋଇ ଇଞ୍ଜିନିୟରିଂ କଲେଜର ଏମ୍‌ସିଏ ଛାତ୍ରୀ ଆଶ୍ରିତା ସେନାପତି, ଟେଲି ଅଭିନେତ୍ରୀ ରଶ୍ମିରେଖା ଓଝା ଓ ତାଙ୍କ ପୁରୁଷ ବନ୍ଧୁ ସନ୍ତୋଷ ପାତ୍ରଙ୍କ ଆତ୍ମହତ୍ୟା ଘଟଣାର ତଦନ୍ତ ଜାରି ରହିଥିବାବେଳେ ଏବେ ଜ୍ୟୋତି ରଞ୍ଜନଙ୍କ ମୃତ୍ୟୁକୁ ନେଇ ନାନା ଚର୍ଚ୍ଚା ଆରମ୍ଭ ହୋଇଛି।

## ସଂକ୍ଷେପରେ

### ଓଡ଼ିଶା ସରକାରୀ ପଲିଟେକ୍‌ନିକ୍ ଶିକ୍ଷକ ସଂଘର ପ୍ରତିନିଧି ଚୟନ

ଭୁବନେଶ୍ୱର,୯।୭(ବ୍ୟୁରୋ): ଓଡ଼ିଶା ସରକାରୀ ପଲିଟେକ୍‌ନିକ୍ ଶିକ୍ଷକ ସଂଘ (ଓଜିପିଟିଏ) ପକ୍ଷରୁ ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସ (ଭାରତୀ) ଭୁବନେଶ୍ୱର ପରିସରରେ ପ୍ରତିନିଧି ଚୟନ ପାଇଁ ମତଦାନ ତଥା ପ୍ରତିନିଧିଙ୍କ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ପୂର୍ବତନ ସଭାପତି ବିଶ୍ୱରଞ୍ଜନ ବେହେରା ସଭାପତିତ୍ୱ କରିଥିଲେ। କୋଷାଧ୍ୟକ୍ଷ ଅବିନାଶ ବିଶ୍ୱାଳ ଗତ ୩ବର୍ଷର ଅଡିଟ୍ ବିବରଣୀ ପାଠ କରିଥିଲେ। ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁକନ୍ୟା ମହୁରୀ ନିର୍ବାଚନର ନିୟମାବଳୀ ଅବଗତ କରାଇବା ପରେ ମତଦାନ ହୋଇଥିଲା। ସଂଘର ୩୦୦ ସଦସ୍ୟ ମତଦାନ କରିଥିଲେ। ସଂଘର ନୂତନ ସଭାପତି ଭାବେ ସୁଧାଂଶୁ ଶେଖର ପୁହାଣ, ଉପସଭାପତି ରାକେଶ କୁମାର ମହାଲିକ, ସାଧାରଣ ସମ୍ପାଦକ ଚିନ୍ମୟ କୁମାର ପଣ୍ଡା, ଯୁଗ୍ମ ସମ୍ପାଦକ ପ୍ରିୟବ୍ରତ ପଣ୍ଡା ଓ କୋଷାଧ୍ୟକ୍ଷ ଅରବିନ୍ଦ ଘୋଷ ନିର୍ବାଚିତ ହୋଇ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏଥିସହ ଓଡ଼ିଶାର ଦକ୍ଷିଣ, ପୂର୍ବ ଓ ପଶ୍ଚିମ ମଣ୍ଡଳର ସମ୍ପାଦକ ରୂପେ ଯଥାକ୍ରମେ ଯଯାତି କିଶୋର ମହାନ୍ତି, ହିମାଂଶୁ ମହାପାତ୍ର ଓ ଧନୁର୍ଜୟ ବେହେରା ମନୋନୀତ ହୋଇଛନ୍ତି। ଅଫିସ୍ ସମ୍ପାଦକ ଭାବେ ହିମାଂଶୁ ଭୂଷଣ ବେହେରା, କାର୍ଯ୍ୟକାରୀ ଅଧିକାରୀ ସଞ୍ଜୟ ଗୋପାଳ ତ୍ରିପାଠୀ, ପ୍ରଦୋଷ କୁମାର ପଣ୍ଡା, ପ୍ରଶାନ୍ତ ବେହେରା, ରାହୁଲ କୁମାର ଦାସ ଓ ସିଦ୍ଧାର୍ଥ ଶେଖର ମଲ୍ଲିକ ଶପଥ ଗ୍ରହଣ କରିଛନ୍ତି। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଶ୍ରୀପତି ସୁନ୍ଦର ଉପାଧ୍ୟାୟ ଓ କୁଳଦୀପ ମହାପାତ୍ର ସହଯୋଗ କରିଥିଲେ।

### ପାଲାଗାୟକ ଆନନ୍ଦ ବେହେରାଙ୍କ ପରଲୋକ

ଖୋର୍ଦ୍ଧା ଅଫିସ,୯।୭: ଖୋର୍ଦ୍ଧା ଜିଲାର ବିଶିଷ୍ଟ ପାଲାଗାୟକ ଆନନ୍ଦ ଚନ୍ଦ୍ର ବେହେରା(୭୨)ଙ୍କ ଶନିବାର ପରଲୋକ ହୋଇଯାଇଛି। ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଖବର ପ୍ରଚାରିତ ହେବା ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପୁଅ ସୂର୍ଯ୍ୟ ପ୍ରକାଶ, ଗଣେଶ ପ୍ରକାଶ, ଜୀବନ ପ୍ରକାଶ, ପୁତ୍ର ବଧୂ, ଭାଇ କାଳନ୍ଦୀ ବେହେରା ଉପସ୍ଥିତ ଥିଲେ। ସୁଲଳିତ ପାଲା ପରିବେଷଣ ପାଇଁ ରାଜ୍ୟର କୋଣ ଅନୁକୋଣରେ ଆନନ୍ଦ ପରିଚିତ ଥିଲେ। ତାଙ୍କୁ ଗାୟକ କାବ୍ୟ ସୌରଭ, ଗାୟକ କାବ୍ୟ ଭାସ୍କର, ପୁରୀ, ଘଟଗାଁ, ସମ୍ବଲପୁର, ଅନୁଗୋଳ ଆଦି ଅନେକ ସ୍ଥାନରୁ ପୁରସ୍କୃତ ହୋଇଛନ୍ତି। ବୋଲଗଡ ବ୍ଲକ ବୋରିକ ଠାରେ ଗାଁ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡ଼ ପୁଅ ସୂର୍ଯ୍ୟପ୍ରକାଶ ମୁଖାଗ୍ନି ଦେଇଥିଲେ।

# ଘରେ ସିସିଟିଭି ଲଗାଇବାକୁ ଅନୁରୋଧ

## ଅପରାଧୀ ଧରିବାକୁ ସହଯୋଗ ଲୋଡ଼ିଲା ଭୁବନେଶ୍ୱର ପୋଲିସ

ଭୁବନେଶ୍ୱର,୯।୭(ବ୍ୟୁରୋ)

ଭୁବନେଶ୍ୱର ସହରାଞ୍ଚଳ ଜିଲାରେ ଅପରାଧ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଚୋରି, ଡକାୟତି, ଲୁଟ୍, ହତ୍ୟା ଭଳି ଅପରାଧ ରାଜଧାନୀ ଭୁବନେଶ୍ୱରକୁ ଅଶାନ୍ତ କରିଦେଉଛି। ଅପରାଧୀମାନେ ଅତି ଚତୁରତାର ସହ ଅପରାଧ ଘଟାଇ ପୋଲିସକୁ ଚ୍ୟାଲେଞ୍ଜ ଦେଉଛନ୍ତି। ପୋଲିସ ସେମାନଙ୍କୁ ଧରିବା ବା ଚିହ୍ନଟ କରିବା ଦୂରେ ଥାଉ, ସେମାନଙ୍କ ସମ୍ପର୍କରେ ସାମାନ୍ୟତମ ସୁରାକ ପାଇପାରୁ ନାହିଁ। ଫଳରେ ସେମାନଙ୍କୁ ଧରିବା ଲାଗି ପୋଲିସ ସହରବାସୀଙ୍କ ସହଯୋଗ ଲୋଡ଼ିଛି। ଘରେ ସିସିଟିଭି ଲଗାଇବାକୁ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ପକ୍ଷରୁ ଅନୁରୋଧ କରାଯାଇଛି। ସହରରେ ରହୁଥିବା ଅଧିକାଂଶ ଲୋକ






ବିଭିନ୍ନ କର୍ମ ସଂସ୍ଥାନରେ କାର୍ଯ୍ୟ କରୁଥିବାରୁ ପ୍ରାୟ ସମୟ ଘର ବାହାରେ ରୁହନ୍ତି। ଏହାର ସୁଯୋଗ ନେଇ ଅପରାଧୀମାନେ ଘରେ ପଶି ବିଭିନ୍ନ ଅପରାଧ ଘଟାଇବା ସହ ସହଜରେ ଖସି ଯାଉଛନ୍ତି। ଫଳରେ ଅପରାଧର କୌଣସି ପ୍ରମାଣ ବା ସୁରାକ ରହୁ ନ ଥିବାରୁ ସେମାନଙ୍କୁ ଧରିବାରେ ପୋଲିସ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବା ସହ ତଦନ୍ତ ବିଳମ୍ବ ହେଉଛି। ସେମାନଙ୍କୁ କିଭଳି ଶୀଘ୍ର ଓ ସହଜରେ ଧରି ହେବ ଏଥିପାଇଁ ସିସିଟିଭି ଫୁଟେଜ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ। କିନ୍ତୁ ସାଧାରଣତଃ ଦେଖା ଯାଇଛି ଯେ ଅନେକେ ଲୋକ ଘରେ ସିସିଟିଭି ଲଗାଉ ନାହାନ୍ତି। ଫଳରେ ଅପରାଧୀମାନେ ସହଜରେ ଅପରାଧ ଘଟାଇ ଫେରାର ହୋଇଯାଉଛନ୍ତି। ଏହି ସମସ୍ୟାର ସମାଧାନ ନିମନ୍ତେ ସହରରେ ବସବାସ କରୁଥିବା ସମସ୍ତ ଜଣସାଧାରଣଙ୍କୁ ନିଜ ଘରେ ବା ବ୍ୟବସାୟ ପ୍ରତିଷ୍ଠାନରେ ଉନ୍ନତ ମାନର ସିସିଟିଭି କ୍ୟାମେରା ଲଗାଇବା ନିମନ୍ତେ କମିଶନରେଟ ପୋଲିସ ପକ୍ଷରୁ ଅନୁରୋଧ କରାଯାଇଛି। ଏଥିସହ ଅପରାଧ ସମ୍ପର୍କରେ ତୁରନ୍ତ ସୂଚନା ଦେବାକୁ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ତରଫରୁ ଜାରି ହେଲ୍ପଲାଇନ୍ ନଂ. ୭୦୭୭୭୯୮୧୧୧ରେ ହ୍ୱାଟ୍ସଆପ୍ କରିବାକୁ ପୋଲିସ ଅନୁରୋଧ କରିଛି।

# କଟକଣା ମାନୁନାହାନ୍ତି

## ମାସ୍କ, ସାମାଜିକ ଦୂରତା ଭୁଲିଗଲେଣି

କଟକ ଅଫିସ, ୯।୭

ରାଜ୍ୟରେ କରୋନା ସଂକ୍ରମଣ ବଢ଼ିବାରେ ଲାଗିଛି। ପ୍ରତିଦିନ ସଂକ୍ରମିତ ଚିହ୍ନଟ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି କଟକ ମହାନଗର ନିଗମ(ସିଏମ୍‌ସି) ଅଞ୍ଚଳରେ କରୋନା କଟକଣା ଜାରି କରାଯାଇଥିଲା। ହେଲେ ଏହି କଟକଣାକୁ ଲୋକମାନେ ମାନୁନାହାନ୍ତି। ଫଳରେ ଆଗାମୀ ଦିନରେ ଗୋଷ୍ଠୀ ସଂକ୍ରମଣ ବଢ଼ିବା ଆଶଙ୍କା ରହିଛି।

କଟକରେ କିଛିଦିନ ହେବ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଗତ ୨ ତାରିଖରେ ସିଏମ୍‌ସି ପକ୍ଷରୁ ସହରରେ ମାସ୍କ ବାଧ୍ୟତାମୂଳକ କରାଯାଇଥିଲା। ଏଥିସହ ଦୋକାନ, ହାଟ, ମଲ୍, ବିଭିନ୍ନ ଷ୍ଟୋର ଓ ସର୍ବସାଧାରଣ ସ୍ଥାନରେ ଲୋକମାନେ ପରସ୍ପର ମଧ୍ୟରେ ୨ ମିଟର ସାମାଜିକ ଦୂରତା ରକ୍ଷା କରିବା ପାଇଁ କଟକଣା ଜାରି କରାଯାଇଥିଲା। କଟକଣା ନ ମାନିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ମଧ୍ୟ କୁହାଯାଇଥିଲା। ଏହାସତ୍ତ୍ୱେ ଲୋକମାନେ ଚେତୁନାହାନ୍ତି। ଫଳରେ ସିଏମ୍‌ସିରେ ଏହି କଟକଣା ଫେଲ୍ ମାରିଛି। କଟକ ଏସ୍‌ସିବି ମେଡିକାଲ୍, ଛତ୍ରବଜାର ଓ ମାଲଗୋଦାମ ଭଳି ଜନଗହଳିପୂର୍ଣ୍ଣ ସ୍ଥାନରେ ଲୋକମାନେ ସାମାଜିକ ଦୂରତା ରକ୍ଷା କରୁ ନ ଥିବାବେଳେ ମାସ୍କ ପିନ୍ଧୁ ନ ଥିବା ଦେଖିବାକୁ ମିଳିଛି। କାଶ କିମ୍ବା ଛିଙ୍କ ହେଉଥିଲେ ସତର୍କତା ଅବଲମ୍ବନ କରିବାକୁ କୁହାଯାଉଥିଲେ ମଧ୍ୟ ଏହାକୁ କେହି ମାନୁନାହାନ୍ତି।

ଏ ସମ୍ପର୍କରେ ସିଏମ୍‌ସି ମେୟର ସୁବାସ ସିଂ କହିଛନ୍ତି, କରୋନା ସଂକ୍ରମଣକୁ ରୋକିବା ପାଇଁ ସିଏମ୍‌ସି ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଉଛି। ସ୍କୁଲ ପିଲାଙ୍କ ପାଇଁ ଟିକାକରଣକୁ ବ୍ୟାପକ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିସହ ମାସ୍କ କଟକଣାକୁ ଆହୁରି କଡାକଡି କରାଯିବା ସହ ଜନଗହଳି ସ୍ଥାନରେ ସାମାଜିକ ଦୂରତା ରକ୍ଷା କରିବା ପାଇଁ ଲୋକମାନଙ୍କୁ ସଚେତନ କରାଯିବ ବୋଲି କମିଶନର କହିଛନ୍ତି।

# ହାଇକୋର୍ଟ ପରିଦର୍ଶନ କଲେ ଆଇନ ଛାତ୍ରୀଛାତ୍ର

## ଜନସ୍ୱାର୍ଥ ମାମଲା ଶୁଣାଣିର ଭିଡିଓ କ୍ଲିପ ଦେଖିଲେ

କଟକ ଅଫିସ, ୯।୭

ଢେଙ୍କାନାଳ ଆଇନ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅଧ୍ୟାପକ ଶନିବାର ହାଇକୋର୍ଟ ପରିଦର୍ଶନ କରିଥିଲେ। ଏହି ସମୟରେ ଆଇନଜୀବୀ ସିଦ୍ଧାର୍ଥ ଶଙ୍କର ପାଢୀ, ସାଗରିକା ସାମଲ ଓ ଜଗଦୀଶ ବିଶ୍ୱାଳ ଉପସ୍ଥିତ ଥିଲେ। ଆଇନଜୀବୀମାନେ ଛାତ୍ରୀଛାତ୍ରଙ୍କୁ ନ୍ୟାୟିକ କାର୍ଯ୍ୟକ୍ରମର ବିଭିନ୍ନ ଦିଗ ବିଷୟରେ କହିଥିଲେ। ଛାତ୍ରୀଛାତ୍ରମାନେ ହେରିଟେଜ୍ ବିଲ୍ଡିଂରେ ଥିବା ମୁଖ୍ୟ ବିଚାରପତିଙ୍କ କୋର୍ଟ ଏବଂ ଚାମ୍ବର ସହ ହାଇକୋର୍ଟର ନୂଆ ଭବନ, ବିଚାରପତିଙ୍କ ପୁସ୍ତକାଳୟ ଏବଂ ସମ୍ମିଳନୀ କକ୍ଷ ଦେଖିଥିଲେ। ଏଥିସହ ଆଇନଜୀବୀମାନେ ଛାତ୍ରୀଛାତ୍ରଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ସେହିପରି ବିଚାରପତିମାନଙ୍କ ଶପଥ ଗ୍ରହଣ ସମାରୋହର ଭିଡିଓ କ୍ଲିପ ଦେଖିବା ସହ ତାହାର ପ୍ରକ୍ରିୟା ବିଷୟରେ ସେମାନଙ୍କୁ କୁହାଯାଇଥିଲା। ମୁଖ୍ୟ ବିଚାରପତିଙ୍କ କୋର୍ଟ ରୁମ୍‌ରେ ଏକ ଜନସ୍ୱାର୍ଥ ମାମଲା ଶୁଣାଣିର ଭିଡିଓ କ୍ଲିପ ଛାତ୍ରୀଛାତ୍ରମାନେ ଦେଖିଥିଲେ। ଏହାପରେ ସେମାନେ ଆଇନ ସେବା ଭବନରେ ଥିବା ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ଓ ହାଇକୋର୍ଟର ମଧ୍ୟସ୍ଥତା କେନ୍ଦ୍ର ପରିଦର୍ଶନ କରିଥିଲେ। ସେହିପରି ଓଡ଼ିଶା ଜୁଡିସିଆଲ ଏକାଡେମୀରେ ଆଇନଜୀବୀ ଓ ବିଚାରପତିମାନଙ୍କ ପାଇଁ ପ୍ରସ୍ତୁତ କରାଯାଇଥିବା ବିଭିନ୍ନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦିଆଯାଇଥିଲା। ଏଥିସହ ସେମାନେ ବିଚାରପତି ଭି. ନରସିଂହଙ୍କ ସହ କଥା ହୋଇଥିଲେ। ଭଲ ଓକିଲ ଏବଂ ବିଚାରପତି ହେବାକୁ ନରସିଂହ ପ୍ରୋତ୍ସାହିତ କରିଥିଲେ। ସୂଚନାଯୋଗ୍ୟ, ୨୦୨୧ ମସିହାରେ ଶିଶୁ ଦିବସ ଅବସରରେ ପ୍ରଥମ ଥର ପାଇଁ ହାଇକୋର୍ଟ ପରିସରକୁ ଛାତ୍ରୀଛାତ୍ରଙ୍କ ପରିଦର୍ଶନ ଲାଗି ଖୋଲା ଯାଇଥିଲା। ସେବେଠାରୁ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ସହ ଅନ୍ୟ ସଂସ୍ଥାନର ଛାତ୍ରୀଛାତ୍ରମାନେ ହାଇକୋର୍ଟ, ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ଏବଂ ଓଡ଼ିଶା ଜୁଡିସିଆଲ ଏକାଡେମୀ ପରିଦର୍ଶନ କରିଛନ୍ତି। ହେଲେ ଛୁଟିଦିନରେ ପ୍ରଥମ ଥର ପାଇଁ ଆଇନ ଛାତ୍ରୀଛାତ୍ରମାନେ ହାଇକୋର୍ଟ ବୁଲିଛନ୍ତି। ନ୍ୟାୟପାଳିକାର ବାସ୍ତବିକ କାର୍ଯ୍ୟ ପ୍ରଣାଳୀରେ ପାରଦର୍ଶିତା ଆଣିବା ଏହି ପରିଦର୍ଶନର ମୁଖ୍ୟ ଉଦ୍ଦେଶ୍ୟ।



ହାଇକୋର୍ଟ ପରିଦର୍ଶନରେ ଆସିଥିବା ଢେଙ୍କାନାଳ ଆଇନ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅଧ୍ୟାପକ

# ଭକ୍ତଙ୍କ ସହ ବାହୁଡ଼ିଲେ ଚତୁର୍ଦ୍ଧାମୂର୍ତ୍ତି



ଇସ୍କନ ମନ୍ଦିର

ଭୁବନେଶ୍ୱର,୯।୭(ବ୍ୟୁରୋ)

ମାଉସୀ ଘର ଗୁଣ୍ଡିଚା ମନ୍ଦିରରେ ନଅ ଦିନର ରହଣି ପରେ ସ୍ୱଗୃହ ବାହୁଡ଼ିଛନ୍ତି ଚତୁର୍ଦ୍ଧାମୂର୍ତ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର, ମା' ସୁଭଦ୍ରା ଓ ଚକ୍ରରାଜ ସୁଦର୍ଶନଙ୍କୁ ରଥରେ ବସାଇ ଟାଣି ଆଣିଛନ୍ତି ଭକ୍ତ। ଏଥିପାଇଁ ରାଜଧାନୀର ରାଜରାସ୍ତା ଭକ୍ତିମୟ ହୋଇଉଠିଥିଲା। ଠାକୁର ଓ ଭକ୍ତ ଏକାକାର ହୋଇଯାଇଥିଲେ। ଘଣ୍ଟ, କରତାଳି, ମୃଦଙ୍ଗ ଆଦି ବାଦ୍ୟର ତାଳେତାଳେ ଭକ୍ତମାନେ ପାଦକୁ ପାଦ ମିଳାଇ ରଥ ଟାଣିବାର ସୁଯୋଗ ପାଇଥିଲେ। କହିବାକୁ ଗଲେ ନାନା ଉତ୍ସାହ ଓ ଭାବମୟ ପରିବେଶ ମଧ୍ୟରେ ବାହୁଡ଼ା ଯାତ୍ରା ଶେଷ ହୋଇଛି। ଇସ୍କନ, ଶ୍ରୀବାଣୀକ୍ଷେତ୍ର, ଆର୍‌ସିଏମ୍, ବାଣୀବିହାର, ଭିଏସ୍‌ଏସ୍ ନଗର ଆଦି ବିଭିନ୍ନ ସ୍ଥାନରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ରବିବାର ରଥ ଉପରେ ମହାପ୍ରଭୁଙ୍କ ସୁନାବେଶ ଦେଖିବେ ଭକ୍ତ।

କିସ୍ ଶ୍ରୀବାଣୀକ୍ଷେତ୍ରରେ ମହାପ୍ରଭୁଙ୍କ ବାହୁଡ଼ାଯାତ୍ରା ଆଡ଼ମ୍ବରପୂର୍ଣ୍ଣ ଭାବେ ଶେଷ ହୋଇଛି। ପୂର୍ବାହ୍ନରେ ମଙ୍ଗଳ ଆରତି, ମଇଲମ, ତଡ଼ପଲାଗି, ରୋଷ ହୋମ, ଅବକାଶ, ସୂର୍ଯ୍ୟପୂଜା, ରଥପୂଜା ଓ ପହଣ୍ଡି ଆଦି ନୀତିକାନ୍ତି ସମ୍ପନ୍ନ ହୋଇଥିଲା। ଅପରାହ୍ନ ୩ଟାରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଛେରାପହଁରା କରିଥିଲେ। ଅପରାହ୍ନ ୪ଟାରେ ଭକ୍ତମାନେ ବଡ଼ଠାକୁର ବଳଭଦ୍ର, ଭଉଣୀ ସୁଭଦ୍ରା ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥକୁ ଟାଣିଥିଲେ। ପ୍ରାୟ ୩୦ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ତେବେ ଭକ୍ତମାନେ ଯେପରି ସୁଚାରୁ ରୂପେ ମହାପ୍ରଭୁଙ୍କ ସୁନାବେଶ ଦର୍ଶନ କରିପାରିବେ ସେଥିପାଇଁ କିଟ୍ ମନ୍ଦିର ଟ୍ରଷ୍ଟ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି।

ବାଣୀକ୍ଷେତ୍ର ବାଣୀବିହାର ପରିସରରେ ଶନିବାର କାଳିଆ ସାଆନ୍ତଙ୍କ ବାହୁଡା ଯାତ୍ରା ସମାପନ ହୋଇଯାଇଛି। ସକାଳୁ ମଧ୍ୟାହ୍ନ ପର୍ଯ୍ୟନ୍ତ ପାରମ୍ପରିକ ରୀତିନୀତି ଅନୁସାରେ ଠାକୁରଙ୍କୁ ପୂଜାର୍ଚ୍ଚନା ପରେ ପହଣ୍ଡି ବିଜେ କରାଯାଇଥିଲା। କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଛେରାପହଁରା କରିଥିଲେ। ଏହାପରେ ରଥଟଣା ଆରମ୍ଭ ହୋଇଥିଲା। କୁଳପତି ପ୍ରଫେସର ଆଚାର୍ଯ୍ୟ ଉତ୍କଳ ବିଶ୍ୱବିଦ୍ୟାଳୟର ଉନ୍ନତି, ସମସ୍ତ କର୍ମକର୍ତ୍ତା ଓ ପରିବାର, ଛାତ୍ରୀଛାତ୍ରଙ୍କ ସର୍ବମଙ୍ଗଳ ପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲେ। କୁଳସଚିବ ଅଭୟ କୁମାର ନାୟକ, ବାଣିଜ୍ୟ ବିଭାଗ ମୁଖ୍ୟ ପ୍ରଫେସର ପ୍ରବୋଧ କୁମାର ହୋତାଙ୍କ ସମେତ ବାଣୀବିହାର ଜଗନ୍ନାଥ ମନ୍ଦିର ସଭାପତି, କର୍ମକର୍ତ୍ତା, ଛାତ୍ରୀଛାତ୍ର, ଶିକ୍ଷକ, କର୍ମଚାରୀମାନେ ଉପସ୍ଥିତ ଥିଲେ।

ଇସ୍କନ ମନ୍ଦିର ବାହୁଡ଼ା ଯାତ୍ରା ପାଇଁ ଭୋର୍ ୪ଟା ୩୦ରେ ମଙ୍ଗଳ ଆଳତି, ସକାଳ ୭ଟା ୩୦ରେ ଦର୍ଶନ ଆଳତି, ୮ଟାରେ ପ୍ରବଚନ, ୧୨ରେ ମଧ୍ୟାହ୍ନ ଆରତି, ୧୨ଟା ୩୦ରେ ପହଣ୍ଡି ବିଜେ କରାଯାଇଥିଲା। ଅପରାହ୍ନ ୨ଟା ୩୦ରେ ଛେରାପହଁରା ପରେ ୩ଟାରେ ଗୋପୀନାଥ ମହାରାଜଙ୍କ ଦ୍ୱାରା ପ୍ରବଚନ ପରିବେଷଣ କରାଯାଇଥିଲା। ୩ଟା ୩୦ରେ ରଥଟଣା ଆରମ୍ଭ ହୋଇ ସନ୍ଧ୍ୟା ୬ଟାରେ ଇସ୍କନ ମନ୍ଦିରରେ ପହଞ୍ଚିଥିଲା। ରବିବାର ସନ୍ଧ୍ୟା ୭ରେ ସୁନାବେଶ ସହ ଭଜନ ସନ୍ଧ୍ୟାର ଆୟୋଜନ କରାଯାଇଛି।

ବୀର ସୁରେନ୍ଦ୍ର ସାଏ ନଗରରେ ଶ୍ରୀ ଭୁବନେଶ୍ୱରୀ ମନ୍ଦିର ପରିଚାଳନା ସମିତି ପକ୍ଷରୁ ଶନିବାର ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରଭୁ ଜଗନ୍ନାଥ, ବଳଭଦ୍ର, ମା' ସୁଭଦ୍ରା ଆଡ଼ପ ମଣ୍ଡପରୁ ବାହାରି ରଥରେ ବସିବା ପରେ ଅପରାହ୍ନ ୪ଟା ୩୦ରେ ରଥଟଣା ଆରମ୍ଭ ହୋଇଥିଲା। ସନ୍ଧ୍ୟା ୬ଟା ୩୦ରେ ଡି.ଏଲ. କଲୋନୀସ୍ଥିତ ଭୁବନେଶ୍ୱରୀ ମନ୍ଦିରରେ ପହଞ୍ଚିଥିଲେ ତିନିଠାକୁର। ସମିତି ସଭାପତି ଡ. ଜୟନ୍ତ ପରିଡ଼ା ରାଜା ବେଶ ଧରି ଛେରାପହଁରା ଓ ସାଧାରଣ ସମ୍ପାଦକ ପ୍ରତାପ କୁମାର ନନ୍ଦ ପହଣ୍ଡି ବିଜେ କରିଥିଲେ। ଉପସଭାପତି ପ୍ରଶାନ୍ତ ଷଡ଼ଙ୍ଗୀ, ନିତ୍ୟରଞ୍ଜନ ନନ୍ଦ, ଧରଣୀଧର ରାଉତ, ପ୍ରକାଶ କୁମାର ଦାସ, ନନ୍ଦନ କୁମାର ଭୁକ୍ତା, ଦିଲୀପ ଦାଶଶର୍ମା ପ୍ରମୁଖ ସହଯୋଗ କରିଥିଲେ।

ସେହିଭଳି ୟୁନିଟ୍-୫ ଜଗନ୍ନାଥ ମନ୍ଦିର ବାହୁଡ଼ା ଯାତ୍ରାରେ ୟୁନିଟ-୬ ସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସର ଗୁଣ୍ଡିଚା ମନ୍ଦିରରୁ ଅପରାହ୍ନ ୧ଟାରେ ଠାକୁରଙ୍କ ପହଣ୍ଡି ଆରମ୍ଭ ହୋଇଥିଲା। ଛେରାପହଁରା ସାରିବା ପରେ ଚାରମାଳ ଖୋଲାଯାଇ ଅପରାହ୍ନ ୪ଟାରେ ରଥ ଟଣା ଯାଇଥିଲା। ସନ୍ଧ୍ୟା ପ୍ରାୟ ୬ଟାରେ ରଥ ଜଗନ୍ନାଥ ମନ୍ଦିର ନିକଟରେ ଲାଗିଥିଲା।



ଶିଶୁପାଳଗଡ଼ା ରେବତୀ ନଗର ଜଗନ୍ନାଥ ମନ୍ଦିରରେ ବାହୁଡ଼ା ଉତ୍ସବ ପାଇଁ ରବୀନ୍ଦ୍ର ପାତ୍ର ଛେରାପହଁରା କରୁଛନ୍ତି।



ବାଣୀବିହାର ଜଗନ୍ନାଥ ମନ୍ଦିରରେ ଅନୁଷ୍ଠିତ ବାହୁଡ଼ା ଯାତ୍ରା।

# ବ୍ରାଉନସୁଗାର ଜବତ, ୨ ଗିରଫ

ଭୁବନେଶ୍ୱର,୯।୭(ବ୍ୟୁରୋ): ଶହୀଦନଗର ଥାନା ଅନ୍ତର୍ଗତ ତେଲୁଗୁ ବସ୍ତିରେ ବେଆଇନ ଭାବେ ବ୍ରାଉନସୁଗାର କାରବାର କରୁଥିବା ୨ ବେପାରୀଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ କଟକ ଜିଲା ନିଆଳି ଥାନା ଅଞ୍ଚଳର ଜିତୁନ ଭୋଇ (୧୯) ଓ ଅଜୟ ପଲେଇ (୧୯)। ସେମାନଙ୍କଠାରୁ ୪ ଗ୍ରାମର ବ୍ରାଉନସୁଗାର ଜବତ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ. ୩୧୦/୨୨) ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ ଶନିବାର କୋର୍ଟ ଚାଲାଣ କରିଥିଲା। ଜାମିନ ନମଞ୍ଜୁର ହେବାରୁ ସେମାନଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ଦିଲ୍ଲୀ ହାଉଜଖାସ ଜଗନ୍ନାଥ ମନ୍ଦିରରେ ବାହୁଡା ଯାତ୍ରା

ଭୁବନେଶ୍ୱର, ୯।୭(ବ୍ୟୁରୋ)

ନୂଆଦିଲ୍ଲୀର ହାଉଜ୍‌ଖାସ୍‌ସ୍ଥିତ ଜଗନ୍ନାଥ ମନ୍ଦିରରେ ବାହୁଡା ଯାତ୍ରା ଭକ୍ତିପୂତ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଭୋର୍‌ରୁ ଶ୍ରୀ ଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପରେ ବିରାଜମାନ ଥିବା ଚତୁର୍ଦ୍ଧାମୂର୍ତ୍ତିଙ୍କ ପୂଜାର୍ଚ୍ଚନା ଓ ନୀତିକାନ୍ତି ଆରମ୍ଭ ହୋଇଥିଲା। ଅପରାହ୍ନ ୩ଟାରେ ଚାରି ଠାକୁରଙ୍କୁ ଧାଡ଼ି ପହଣ୍ଡି କରି ରଥ ଉପରକୁ ନିଆଯାଇ ଥିଲା। ଅପରାହ୍ନ ୪ଟାରେ ମନ୍ଦିର ପରିଚାଳନା କମିଟି ଶ୍ରୀ ନୀଳାଚଳ ସେବା ସଂଘର ସମ୍ପାଦକ ଓ ସାମାଜିକ କର୍ମୀ ରବୀନ୍ଦ୍ର ନାଥ ପ୍ରଧାନ ପାରମ୍ପରିକ ଛେରା ପହଁରା କାର୍ଯ୍ୟ କରିଥିଲେ। ସାଢ଼େ ୪ଟାରେ ରଥଟଣା ଆରମ୍ଭ ହୋଇଥିଲା। ହାଉଜଖାସ ଭିଲେଜସ୍ଥିତ ଶ୍ରୀ ଜଗନ୍ନାଥ ମାର୍ଗରେ ଅରବିନ୍ଦ ପ୍ଲେସ ମାର୍କେଟ ପର୍ଯ୍ୟନ୍ତ ରଥଟିକୁ ଟଣାଯାଇ ପୁଣି ସନ୍ଧ୍ୟା ସୁଦ୍ଧା ମନ୍ଦିର ବେଢ଼ା ନିକଟକୁ ଫେରାଇ ଅଣାଯାଇଥିଲା। ରାତି ପ୍ରାୟ ୧୦ଟାରେ ରୋଶଣି କରାଯାଇ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ରଥରୁ ନିଆଯାଇ ନାଟ ମଣ୍ଡପଠାରେ ଆସୀନ କରାଯାଇଥିଲା। ମହାପ୍ରଭୁ ସେଠାରେ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ଅବସ୍ଥାନ କରିବେ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ଦିଆଯାଇଛି।



ନୂଆଦିଲ୍ଲୀର ହାଉଜ୍‌ଖାସ୍‌ସ୍ଥିତ ଜଗନ୍ନାଥ ମନ୍ଦିରରେ ବାହୁଡା ଯାତ୍ରା।

# ସମ୍ ଆଇଡିଏସ୍ ସହଯୋଗରେ ଦନ୍ତ ଚିକିତ୍ସା ଶିବିର



ଭୁବନେଶ୍ୱର,୯।୭

ରେଡ୍‌ସ୍ୱସ୍ତିକ୍‌ସୋସାଇଟି(ଆର୍‌ଏସ୍‌ଏସ୍)ର ଓଡ଼ିଶା ଶାଖା ଓ ସମ୍ ଆଇଡିଏସ୍ ଏବଂ ନୟାପଲ୍ଲୀ କମ୍ୟୁନିଟି କେୟାର ଆସୋସିଏସନ୍ ପକ୍ଷରୁ ନୟାପଲ୍ଲୀସ୍ଥିତ କମ୍ୟୁନିଟି କେୟାରଠାରେ ଏକ ଦନ୍ତ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ୧୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ନିଃଶୁଳ୍କ ଦନ୍ତ ଚିକିତ୍ସା ସେବା ଯୋଗାଇ ଦିଆଯାଇଛି। ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ଭୁବନେଶ୍ୱର ମେୟର ସୁଲୋଚନା ଦାସ ଓ ୱାର୍ଡ ନଂ. ୨୫ର କର୍ପୋରେଟର ମାନସୀ ସୁନ୍ଦରରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିବିରର ଶୁଭାରମ୍ଭ କରିଥିଲେ। ଆର୍‌ଏସ୍‌ଏସ୍‌ର ସଭାପତି ବିଜୟ ଆଚାର୍ଯ୍ୟ ଏବଂ ସଚିବ ଓ କୋଷାଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଆର୍‌ଏସ୍‌ଏସ୍‌ର କୁନାଲ କିଶୋର ଦାସ, ସାଗରବାଳା ମିଶ୍ର, ରିମ୍‌ଝିମ୍ ପଣ୍ଡା, ଗୀତିକା ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

**ବାହୁଡ଼ା ଯାତ୍ରା ଭଜନ ସମାରୋହ**

ପୁରୀ ଅଫିସ- ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ଅବସରରେ ଭକ୍ତ କବି ସାଲବେଗ ସାଂସ୍କୃତିକ ପରିଷଦ ପକ୍ଷରୁ ବଳଗଣ୍ଡିସ୍ଥିତ ସାଲବେଗ ସ୍ମୃତିପୀଠ ପରିସରରେ ୩୦ତମ ବାହୁଡ଼ା ଯାତ୍ରା ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଭଜନ ସମାରୋହରେ ସୁନାମଧନ୍ୟ କଣ୍ଠଶିଳ୍ପୀ ସତ୍ୟପ୍ରିୟ ମହାପାତ୍ର, ଅଶୋକ କୁମାର ମହାନ୍ତି, ମମତାମୟୀ ବିଶ୍ୱାଳ, ଦର୍ଶନା କର, ଅଶୋକ କୁମାର ସୁବୁଦ୍ଧି, ରାଜେନ୍ଦ୍ର କୁମାର ମିଶ୍ର, ମନସ୍ୱିନୀ ଭୁଜବଳ, ପ୍ରଜ୍ଞା ପରମିତା, ଅନ୍ନପୂର୍ଣ୍ଣା ଦେବୀ, ସବିତା ମିଶ୍ର, କୃଷ୍ଣ ମୋହନ ସାହୁଙ୍କ ସମେତ ବହୁ କଣ୍ଠଶିଳ୍ପୀ ଯୋଗଦେଇ ଭଜନ ପରିବେଷଣ କରିଥିଲେ। ଅନୁଷ୍ଠାନ ସଭାପତି ଚକ୍ରଧର ମହାପାତ୍ର, ସାଧାରଣ ସମ୍ପାଦକ ଶ୍ୟାମପ୍ରକାଶ ସେନାପତି, ଉପଦେଷ୍ଟା ସଦାଶିବ ମିଶ୍ର, ଗଦାଧର ନନ୍ଦ, କୋଷାଧ୍ୟକ୍ଷ କ୍ରିଷ୍ଣା ମହାପାତ୍ର, ଉପ ସଭାପତି ବିଶ୍ୱନାଥ ଜେନା, ସାଂସ୍କୃତିକ ସମ୍ପାଦକ ଅନ୍ନପୂର୍ଣ୍ଣା ଦେବୀ, କାର୍ଯ୍ୟକାରୀ କମିଟି ସଦସ୍ୟ ସନ୍ତୋଷ ଦଳାଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




୯।୭।୨୦୨୨

| | |
|---|---|
| ୨,୮୪,୦୩୫ ଟଙ୍କା | |
| ସୁନା | ୮୭୦ମିଲିଗ୍ରାମ |
| ରୁପା | ୧.୮୦୦ ଗ୍ରାମ |

# ମହାପ୍ରଭୁଙ୍କୁ ନୂଆ ସୁନା ପିନ୍ଧାଯାଉ

**ପୁରୀ ଅଫିସ,୯।୭:**

- ଭଙ୍ଗା, ପୁରୁଣାକୁ ନେଇ କ୍ଷୋଭ
- ରତ୍ନଭଣ୍ଡାର ଖୋଲି ସୁନା କଢ଼ାଯାଉ

ଜନ୍ମବେଦିରୁ ଚତୁର୍ଦ୍ଧାବିଗ୍ରହ ବାହୁଡ଼ିବା ପରେ ରବିବାର ସୁନାବେଶରେ ସଜ୍ଜିତ ହେବେ। ହେଲେ ମହଣ ମହଣ ସୁନାରେ ସଜ୍ଜିତ ମହାପ୍ରଭୁ ପୂର୍ବାପେକ୍ଷା ଏବେ ଅଳ୍ପ ଓ ଭଙ୍ଗା ସୁନା ଅଳଙ୍କାର ପରିଧାନ କରୁଥିବା ଦେଖିବାକୁ ମିଳୁଛି। ଯେପରିକି ମହାପ୍ରଭୁ ୨୦ରୁ ୨୫ଟି ସୁନାମାଳି ପିନ୍ଧୁଥିଲେ। କିନ୍ତୁ ଗତ କିଛିବର୍ଷ ହେବ ସୁନାବେଶରେ ୩ରୁ ୪ଟି ମାଳି ପିନ୍ଧୁଥିବା ବେଳେ ଭଙ୍ଗା ମୁକୁଟ ମଧ୍ୟ ପିନ୍ଧୁଛନ୍ତି। ତେବେ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥ ଭଙ୍ଗା କିରୀଟ ପିନ୍ଧିବା କେତେଦୂର ଯଥାର୍ଥ। ପରିକ୍ରମା ପ୍ରକଳ୍ପ ଅଧୀନରେ ଭଙ୍ଗାରୁଜା ବାବଦକୁ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ ହେଉଛି। ହେଲେ ଖୋଦ ମହାପ୍ରଭୁ ପିନ୍ଧୁଥିବା ସୁନା ଅଳଙ୍କାର ମରାମତି କି ନୂଆ କରିବା ପାଇଁ ଦୃଷ୍ଟି ଦିଆଯାଉ ନାହିଁ। ରତ୍ନଭଣ୍ଡାରରେ କୁଇଣ୍ଟାଲ କୁଇଣ୍ଟାଲ ସୁନା ଭରପୂର ରହିଛି ହେଲେ ପୁରୁଣା ଅଳଙ୍କାରରେ ମହାପ୍ରଭୁଙ୍କ ସୁନାବେଶ କରାଯାଉଛି ବୋଲି କ୍ଷୋଭ ପ୍ରକାଶ କରି କହିଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମୁଖ୍ୟ ବାଡ଼ଗ୍ରାହୀ ଜଗନ୍ନାଥ ସ୍ୱାଇଁ ମହାପାତ୍ର। ସେ ଆହୁରି କହିଛନ୍ତି, ମହାପ୍ରଭୁଙ୍କ ପାଇଁ ଅଳଙ୍କାର ନୂଆ ସେଟ୍ ତିଆରି କରାଯାଉ। ରତ୍ନଭଣ୍ଡାରକୁ ବନ୍ଦ କରାଯିବା ଠିକ୍ ହେଉନାହିଁ, ଏହାକୁ ତୁରନ୍ତ ଖୋଲାଯାଉ ବୋଲି ସେ ଦାବି କରିଛନ୍ତି। ସବୁ ମହଲରେ ମହାପ୍ରଭୁଙ୍କ ଭଙ୍ଗା କିରୀଟ ଓ ପୁରୁଣା ସୁନାକୁ ନେଇ କ୍ଷୋଭ। ରତ୍ନଭଣ୍ଡାରରେ ସୁନା ରହିଥିବା ସତ୍ତ୍ୱେ ନୂଆ ଓ ଭବ୍ୟ ଅଳଙ୍କାରରେ ମହାପ୍ରଭୁଙ୍କ ସୁନାବେଶ ହେଉନାହିଁ କାହିଁକି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। କେବଳ ସେବାୟତ ନୁହେଁ ବିଧାନସଭାଠାରୁ ସାଧାରଣ ଲୋକେ ସମସ୍ତେ ସ୍ୱର ଉତ୍ତୋଳନ କଲେଣି। ମାତ୍ର ସରକାର କାହାରି କଥାକୁ ଭ୍ରୂକ୍ଷେପ କରୁନାହାନ୍ତି।

ଉଲ୍ଲେଖଯୋଗ୍ୟ, ଗତବର୍ଷ ମହାପ୍ରଭୁଙ୍କ ସୁନାବେଶ ଦର୍ଶନ ବେଳେ ଭଙ୍ଗା କିରୀଟ ସ୍ପଷ୍ଟ ଭାବେ ବାରି ହୋଇପଡ଼ିଥିଲା। ମହାପ୍ରଭୁଙ୍କ କିରୀଟର ବାମ ପଟୁ ୩ୟ କିଆରଟି ଭାଙ୍ଗିଯାଇଥିଲା। ଭାଙ୍ଗିଯାଇଥିବା କିଆର ସ୍ଥାନରେ ସେବାୟତମାନେ ଫୁଲ ଲଗାଇ ଘଟଣାକୁ ଘୋଡ଼ାଇବାକୁ ଚେଷ୍ଟା କରିଥିଲେ। ତେବେ କିରୀଟର ସମ୍ପୃକ୍ତ ଅଂଶଟି ଦୁର୍ବଳ ରହିଥିଲା। ଏ ନେଇ କମାଣ୍ଡର ମାଧ୍ୟମରେ ପ୍ରଶାସନକୁ ରିପୋର୍ଟ କରାଯାଇଥିଲେ ମଧ୍ୟ ତାହାର ମରାମତି ନେଇ କୌଣସି ବିଶେଷ ପଦକ୍ଷେପ ସେତେବେଳ ନିଆଗଲା ନାହିଁ। ଫଳରେ ମହାପ୍ରଭୁ ଭଙ୍ଗା କିରୀଟରେ ସୁନାବେଶ ହେଲେ। ମହାପ୍ରଭୁଙ୍କୁ ଭଙ୍ଗା ଅଳଙ୍କାରରେ ବେଶ କରାଯିବା ଓ ନୂଆ ସୁନା ଅଳଙ୍କାର ତିଆରି କରା ନ ଯିବାକୁ ଭକ୍ତ ମହଲରେ ନାପସନ୍ଦ କରାଯାଇଛି। ଜଗନ୍ନାଥପ୍ରେମୀ ଦିଲୀପ ବରାଳ କହିଛନ୍ତି, ବିଶ୍ୱ ନିୟନ୍ତା ମହାପ୍ରଭୁ ଜଗନ୍ନାଥଙ୍କ ପାଖରେ ଅଳଙ୍କାରର ପୁଣି ଅଭାବ ହେଲା। ମାତ୍ର ସରକାର ସ୍ୱାର୍ଥପର ହୋଇ ମହାପ୍ରଭୁଙ୍କୁ ଭଙ୍ଗା କିରୀଟ ଓ ପୁରୁଣା ଅଳଙ୍କାରରେ ବେଶ କରାଉଛନ୍ତି। ସବୁ ମହଲରେ ହେଉଥିବା ଦାବିକୁ ସରକାର ମାନି ନେବା ଦରକାର। ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲାଯାଇ, ମହାପ୍ରଭୁଙ୍କ ଅଳଙ୍କାରର ବାସ୍ତବିକ ସ୍ଥିତି ଯାଞ୍ଚ ହେବା ଦରକାର। ମହାପ୍ରଭୁ ମହଣ ମହଣ ସୁନା ଅଳଙ୍କାରରେ ଭୂଷିତ ହେଲେ ଭକ୍ତ ଆନନ୍ଦିତ ହେବେ।

## ୬ବର୍ଷ ପରେ ଘରକୁ ଫେରିଲେ ବବ୍ରୁବାହନ

**କଣାସ,୯।୭(ସ୍ୱ.ପ୍ର.):**

କଣାସ ବ୍ଲକ ଅନ୍ତର୍ଗତ ଦିବ୍ୟସିଂହପୁର ପଞ୍ଚାୟତର ବରାଗଡ ଗ୍ରାମର ବବ୍ରୁବାହନ ସ୍ୱାଇଁ (୩୨) ଦାଦନ ଖଟିବାକୁ ଯାଇ ନିଖୋଜ ହୋଇଯାଇଥିଲେ। ବବ୍ରୁବାହନ ଶନିବାର ଗ୍ରାମକୁ ଫେରିବା ପରେ ପରିବାର ଓ ଗ୍ରାମରେ ଆନନ୍ଦ ଖେଳିଯାଇଛି। ସୂଚନା ମୁତାବକ, ପରିବାର ପ୍ରତିପୋଷଣ ପାଇଁ ବବ୍ରୁବାହନ ୨୦୧୬ ମସିହାରେ ଦାଦନ ଶ୍ରମିକ ରୂପେ ଯାଇ ନିଖୋଜ ହୋଇଯାଇଥିଲେ। ପରିବାର ଓ ଆତ୍ମୀୟ ଲୋକମାନେ ତାଙ୍କୁ ବହୁ ଖୋଜାଖୋଜି କରି ନିରାଶ ହେବାପରେ ଆଇ.ବି.ଜି.ଭି.ଏସ୍‌ର ସାହାଯ୍ୟ ଲୋଡ଼ିଥିଲେ। ଏହାର ସାଧାରଣ ସମ୍ପାଦକ ବୋରିନ୍ ମହାନ୍ତିଙ୍କ ଉଦ୍ୟମକ୍ରମେ ଉପେନ୍ଦ୍ର କୁମାର, ବିଶ୍ୱଜିତ୍ ବଡଜେନା, କାମାକ୍ଷାପ୍ରସାଦ ପ୍ରଧାନ, ଅରୁଣ ମହାପାତ୍ରଙ୍କ ସହଯୋଗରେ ବବ୍ରୁବାହନଙ୍କ ଭଉଣୀ ବିଜୟଲକ୍ଷ୍ମୀ ଓ ମାମୁ ପୁଅ ସୁନୀଲ ସାମନ୍ତରାୟ ଗୋଆ ଯାଇ ଗୋଆର ଭାସ୍କୋଡାଗାମାଠାରେ ବବ୍ରୁବାହନଙ୍କ ସମ୍ପର୍କରେ ସୂଚନା ପାଇଥିଲେ। ଦୁହେଁ ବବ୍ରୁବାହନଙ୍କୁ ଧରି ଖୋର୍ଦ୍ଧା ରୋଡରେ ଆସି ପହଞ୍ଚିବା ପରେ ବୋରିନ୍ ମହାନ୍ତି ତାଙ୍କୁ ରେଳ ଷ୍ଟେଶନ୍‌ରେ ସ୍ୱାଗତ କରିଥିଲେ। ପରେ ସେ ପରିବାର ଲୋକଙ୍କ ପାଖରେ ପହଞ୍ଚିଥିଲେ।



ପରିବାର ସହ ବବ୍ରୁବାହନ ସ୍ୱାଇଁ ।

## ଶାଶୁଘରୁ ମହିଳାଙ୍କ ମୃତଦେହ ଜବତ

### ହତ୍ୟା ଅଭିଯୋଗ ଆଣିଲେ ବାପଘର

**ଅସ୍ତରଙ୍ଗ,୯।୭(ଡି.ଏନ୍.ଏ.):**

ପୁରୀ ଜିଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ଶିଶୁଅ ଗ୍ରାମରୁ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଶନିବାର ପୋଲିସ ଜବତ କରିଛି। ସେ ହେଲେ ଉକ୍ତ ଗ୍ରାମର ହରିହର ବେହେରାଙ୍କ ସ୍ତ୍ରୀ ପ୍ରିୟଙ୍କା ବେହେରା(୨୭)। କିନ୍ତୁ ଶାଶୁଘର ଲୋକେ ଯୌତୁକ ପାଇଁ ହତ୍ୟା କରି ଟାଙ୍ଗି ଦେଇଥିବା ମହିଳାଙ୍କ ମାମୁ ଏବଂ ଦାଦା ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, କାକଟପୁର ଥାନା ଅଞ୍ଚଳର ପ୍ରିୟଙ୍କା ୨ବର୍ଷ ତଳେ ହରିହରଙ୍କୁ ବିବାହ କରିଥିଲେ। ବିବାହ ପୂର୍ବରୁ ପୁଅ ଘର ଲୋକେ ଯୌତୁକ ବାବଦକୁ ୨ ଲକ୍ଷ ଟଙ୍କା ଦାବି କରିଥିଲେ। କୌଣସି ଅସୁବିଧା କାରଣରୁ ଝିଅଘର ଲୋକେ ବିବାହ ସମୟରେ ନଗଦ ୧ ଲକ୍ଷ ୮୦ ହଜାର ଟଙ୍କା ଦେଇଥିଲେ। ପରବର୍ତ୍ତୀ ସମୟରେ ଅବଶିଷ୍ଟ ୨୦ ହଜାର ଟଙ୍କା ସହ ସୁନାଗହଣା ଝିଅଘର ଲୋକେ ଦେଇଥିଲେ। ପ୍ରିୟଙ୍କାଙ୍କ ନଣନ୍ଦ ଓ ଶାଶୁ ଅନେକ ସମୟରେ ଅଧିକ ଯୌତୁକ ଏବଂ ଏକ ବୁଲେଟ୍ ଆଣିବାକୁ କହି ନିର୍ଯାତନା ଦେଉଥିବା ପ୍ରିୟଙ୍କା ବାପଘରକୁ ଜଣାଇଥିଲେ। ହେଲେ ଶୁକ୍ରବାର ରାତିରେ ପ୍ରିୟଙ୍କାର ମୃତ୍ୟୁ ହୋଇଥିବା ନେଇ ତାଙ୍କ ବାପଘରକୁ ଶାଶୁଘର ଲୋକ ଜଣାଇଥିଲେ। ଖବରପାଇ ପ୍ରିୟଙ୍କାର ବାପଘର ଲୋକ ପହଞ୍ଚି ଝିଅକୁ ଯୌତୁକ ହତ୍ୟା କରାଯାଇଥିବା ନେଇ ଥାନାର ଦ୍ୱାରସ୍ଥ ହୋଇଥିଲେ। ପରେ ଏସ୍ଆଇ ଅଶୋକ ଦାଶ, ଏଏସ୍ଆଇ ପ୍ରଶାନ୍ତ ବିଶ୍ୱାଳ ପୋଲିସ ଏକ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି। ପ୍ରିୟଙ୍କାଙ୍କ ବାପଘର ପକ୍ଷରୁ ଶାଶୁ, ନଣନ୍ଦ ଓ ସ୍ୱାମୀଙ୍କ ନାମରେ ହତ୍ୟା ଅଭିଯୋଗ ଆଣିଛନ୍ତି।

## ରାସ୍ତା ମଝିରେ ବିଦ୍ୟୁତ୍ ଖୁଣ୍ଟ

**କଣାସ,୯।୭(ସ୍ୱ.ପ୍ର.):**

**ଅଭିଯୋଗ ସତ୍ତ୍ୱେ ଶୁଣୁନାହାନ୍ତି କର୍ତ୍ତୃପକ୍ଷ**

କଣାସ ବ୍ଲକରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଅନେକ କଂକ୍ରିଟ ରାସ୍ତା ପ୍ରଶସ୍ତ କରାଯାଇଛି। ପୂର୍ବରୁ ରାସ୍ତାକଡ଼ରେ ପୋତା ଯାଇଥିବା ବିଦ୍ୟୁତ୍ ଖୁଣ୍ଟଗୁଡ଼ିକ ରାସ୍ତା ମଝିକୁ ଆସିଯାଇଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଛି। ବିଭାଗୀୟ କର୍ତ୍ତୃପକ୍ଷ ଓ ବିଦ୍ୟୁତ୍ ବିଭାଗ କର୍ତ୍ତୃପକ୍ଷଙ୍କୁ ଗ୍ରାମବାସୀ ଜଣାଇଲେ ମଧ୍ୟ କୌଣସି ସୁଫଳ ପାଉ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସାହସପୁରଠାରୁ ଜାଗୁଲେଇପଦର ଗ୍ରାମକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତା ଦୁଇପାର୍ଶ୍ୱ ପ୍ରଶସ୍ତ କରି ନିର୍ମାଣ କରାଯାଇଥିବାବେଳେ ରାସ୍ତା ମଝିରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ବାରମ୍ବାର ଦୁର୍ଘଟଣା ଘଟୁଛି। ତେବେ ଶନିବାର ସେହି ରାସ୍ତାରେ ଏକ ମିନିଟ୍ରକ୍ ଖୁଣ୍ଟିରେ ପିଟିହୋଇ ଦୁର୍ଘଟଣା ଘଟାଇଥିଲା। ବିଦ୍ୟୁତ୍ ଖୁଣ୍ଟିକୁ କାହିଁକି ଉଠାଇ ନିଆଯାଉନାହିଁ ସେ ସମ୍ପର୍କରେ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ସଞ୍ଜୟ ନାୟକଙ୍କୁ ପଚାରିବାରେ, ରାସ୍ତାରେ ଥିବା ବିଦ୍ୟୁତ୍ ଖୁଣ୍ଟକୁ ଉଠାଇବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ବାରମ୍ବାର ଜଣାଇଥିଲେ ମଧ୍ୟ ବିଭାଗ ପକ୍ଷରୁ ଅର୍ଥ ଜମା କରାଯାଉନାହିଁ। ଫଳରେ ରାସ୍ତା ମଝିରୁ ବିଦ୍ୟୁତ୍ ଖୁଣ୍ଟ ସବୁ ଉଠାଯାଇ ପାରୁ ନ ଥିବା ସେ କହିଛନ୍ତି। ତେବେ କଣାସଠାରେ ଗ୍ରାମ୍ୟ ଉନ୍ନୟନ ବିଭାଗର କାର୍ଯ୍ୟାଳୟ ଥିଲେ ମଧ୍ୟ କୌଣସି ଅଧିକାରୀ କାର୍ଯ୍ୟାଳୟକୁ ଆସୁ ନ ଥିବା ଏବଂ କାର୍ଯ୍ୟାଳୟରେ ସବୁ ସମୟରେ ତାଲା ଝୁଲୁଥିବା ଦେଖିବାକୁ ମିଳୁଛି। ଏ ବାବଦରେ ସହକାରୀ ଯନ୍ତ୍ରୀଙ୍କୁ ଟେଲିଫୋନ ଯୋଗେ ଯୋଗାଯୋଗ କରିବାରେ ତାହା ସମ୍ଭବ ହୋଇ ନ ଥିଲା।



ବିପଦପୂର୍ଣ୍ଣ ଅବସ୍ଥାରେ ବିଦ୍ୟୁତ୍‌ଖୁଣ୍ଟ।

## ଜନ୍ମବେଦିରୁ ରତ୍ନବେଦିକୁ ବାହୁଡ଼ିଲେ ଚତୁର୍ଦ୍ଧାବିଗ୍ରହ

**ପିପିଲି/ସାକ୍ଷୀଗୋପାଳ/କୋଣାର୍କ/ କଣାସ,୯।୭(ଡି.ଏନ୍.ଏ./ସ୍ୱ.ପ୍ର.):**

ପିପିଲି ପୌରାଞ୍ଚଳର ଆରାଧ୍ୟ ଠାକୁର ପ୍ରଭୁ ଶ୍ରୀପତିତପାବନ ଦେବଙ୍କ ବାହୁଡ଼ାଯାତ୍ରା ମହାସମାରୋହରେ ସମ୍ପନ୍ନ ହୋଇଛି। ଶନିବାର ମଡିଆଳି ସାହିସ୍ଥିତ ଗୁଣ୍ଡିଚା ମା'ଙ୍କ ମନ୍ଦିରରେ ପ୍ରତ୍ୟୁଷରୁ ସମସ୍ତ ରୀତିନୀତି ସାରିବା ପରେ ମଧ୍ୟାହ୍ନ ୧୨ଟାରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଣ୍ଡି କରାଯାଇ ରଥାରୂଢ଼ କରାଯାଇଥିଲା। ସାମାଜିକ କର୍ମୀ ପ୍ରଭାକର ପଣ୍ଡା ରଥରେ ଛେରା ପହଁରା କରିଥିଲେ। ମଧ୍ୟାହ୍ନ ୩ଟା ସମୟରେ ରଥଟଣା ଆରମ୍ଭ ହୋଇଥିଲା। ଶତାଧିକ ଭକ୍ତ ରଥକୁ ଦରଜୀ ସାହିସ୍ଥିତ ଶ୍ରୀପତିତପାବନ ଦେବଙ୍କ ମନ୍ଦିର ପର୍ଯ୍ୟନ୍ତ ଟାଣି ନେଇଥିଲେ। ହରିବୋଲ, ହୁଳହୁଳି ଧ୍ୱନିରେ ରଥଟଣା ରାସ୍ତା ପ୍ରକମ୍ପିତ ହେବା ସହ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ପିପିଲି ରଥଯାତ୍ରା ପରିଚାଳନା କମିଟିର ସଭାପତି ରମେଶ ଚନ୍ଦ୍ର ଶତପଥୀ, ସମ୍ପାଦକ ପ୍ରଭାତ ମହାପାତ୍ର, ମନ୍ଦିରର ଟ୍ରଷ୍ଟି ସୁରେଶ ଚନ୍ଦ୍ର ମହାପାତ୍ର, ପରିଚାଳନା କମିଟିର ମୁଖ୍ୟ ଉପଦେଷ୍ଟା ନୃସିଂହ ମହାପାତ୍ର ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପିପିଲି ପୋଲିସ ଉପସ୍ଥିତ ରହି ଟ୍ରାଫିକ ନିୟନ୍ତ୍ରଣରେ ସହଯୋଗ କରିଥିଲେ।

ସେହିପରି ସାକ୍ଷୀଗୋପାଳରେ ନବଦିନାତ୍ମକ ଯାତ୍ରା ଶେଷ କରି ଠାକୁରଅଜା ଶ୍ରୀସିଦ୍ଧବଳରାମଦେବ ଚନ୍ଦନ ମଣ୍ଡପରୁ କୁଳବନସ୍ଥିତ ମନ୍ଦିରକୁ ରଥରେ ବାହୁଡ଼ିଛନ୍ତି। ଦେବନୀତି ମଧ୍ୟରେ ମଙ୍ଗଳ ଆଳତୀ, ଅବକାଶ, ବାଲ ଭୋଗ ପରେ ମଧ୍ୟାହ୍ନରେ ଚକା ଛାଡ଼ ଖେଚୁଡ଼ି ଭୋଗ ଅନୁଷ୍ଠିତ ହୋଇଥିଲା। ଠାକୁରଙ୍କ ପହଣ୍ଡି କରାଯାଇ ରଥାରୂଢ଼ ପରେ ସେବାୟତମାନେ ଛେରା ପହଁରା କରିଥିଲେ। ଅପରାହ୍ନ ୪ଟା ୩୦ ମିନିଟ୍ ସମୟରେ ରଥଟଣା ଆରମ୍ଭ ହୋଇଥିଲା। ଫେରିବା ବାଟରେ ସାକ୍ଷୀଗୋପାଳ ଠାକୁରଙ୍କ ମହାସୁଆର ସ୍ୱର୍ଗତ ଦାଶରଥି ଖୁଣ୍ଟିଆଙ୍କ ଘରେ ବିରି, ଅରୁଆ ଚାଉଳ, ଗୁଡ଼, ନଡ଼ିଆ, ଅଳେଇଚ, ଲବଙ୍ଗ, ଗୋଲମରିଚ ଆଦି ମସଲା ଗୁଣ୍ଡ, ଘିଅ, କର୍ପୂରରେ ନିର୍ମିତ ପୋଡ଼ପିଠା ଭୋଗଲାଗି ହୋଇଥିଲା। ସାକ୍ଷୀଗୋପାଳ ମନ୍ଦିର ପ୍ରଶାସନ ପକ୍ଷରୁ ଏହି ସୁସଜ୍ଜିତ ରଥ ନିର୍ମାଣ କରାଯାଇଥିଲା।

ସେହିପରି କୋଣାର୍କସ୍ଥିତ ରାଉଳପାଟଣାଠାରେ ଥିବା ଶ୍ରୀଗୁଣ୍ଡିଚା ମନ୍ଦିରଠାରେ ୯ଦିନର ଯାତ୍ରା ସମ୍ପନ୍ନ କରି ଚତୁର୍ଦ୍ଧାମୂର୍ତ୍ତି କୋଣାର୍କ ଜଗନ୍ନାଥ ମନ୍ଦିରକୁ ବାହୁଡ଼ିଛନ୍ତି। ପ୍ରତ୍ୟୁଷରୁ ଶ୍ରୀଗୁଣ୍ଡିଚା ମନ୍ଦିର ପରିସରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ପୂଜାର୍ଚ୍ଚନା କାର୍ଯ୍ୟ ଶେଷ ହୋଇଥିଲା। ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ୪ଟା ସମୟରେ ଧାଡି ପହଣ୍ଡିରେ ଅଣାଯାଇ ରଥାରୂଢ଼ କରାଯାଇଥିଲା। ଶ୍ରୀଜଗନ୍ନାଥ ଟ୍ରଷ୍ଟ ବୋର୍ଡର ବରିଷ୍ଠ ସଭ୍ୟ ଗୋପାଳ ଚନ୍ଦ୍ର ଦାସ ରଥରେ ଛେରା ପହଁରା କରିଥିଲେ। ପରେ ରଥଟଣା ଆରମ୍ଭ ହୋଇ ସନ୍ଧ୍ୟା ୭ଟା ସମୟରେ ମେଡିକାଲ ଛକସ୍ଥିତ ରାଜାରାମ ମଠ ପରିସରରେ ଥିବା ଶ୍ରୀଜଗନ୍ନାଥ ମନ୍ଦିର ନିକଟରେ ତିନିଙ୍କ ରଥ ପହଞ୍ଚିଥିଲା। ରବିବାର ରଥାରୂଢ଼ ଶ୍ରୀଜୀଉଙ୍କ ସୁନାବେଶ ନୀତି କରାଯିବ ବୋଲି ଶ୍ରୀଜଗନ୍ନାଥ ଟ୍ରଷ୍ଟ ବୋର୍ଡର ସଭାପତି ଅମରେଶ୍ୱର ନାୟକ ଓ ଟ୍ରଷ୍ଟ ବୋର୍ଡ ପରିଚାଳକ ନିରଞ୍ଜନ ବାରିକ କହିଛନ୍ତି।



ନିମାପଡା ବ୍ଲକର ବଡ଼ବଜାର ରାସ୍ତାରେ କୁନି ରଥକୁ ଟାଣି ନେଉଛନ୍ତି ପିଲାମାନେ ।

**ମାଉସୀ ଘରେ ପୋଡ଼ପିଠା ଖାଇଲେ**

ସେହିପରି କଣାସ ବ୍ଲକରେ ଗୁଣ୍ଡିଚା ଘରୁ ବଡ ଭାଇ ଓ ଭଉଣୀଙ୍କୁ ସାଙ୍ଗରେ ନେଇ ମହାପ୍ରଭୁ ଶ୍ରୀଜଗନ୍ନାଥ ନିଜ ମନ୍ଦିରକୁ ବାହୁଡ଼ିଛନ୍ତି। ଜଙ୍ଘାର ଛକ ଗୁଣ୍ଡିଚା ମନ୍ଦିରରୁ ଠାକୁର ଅପରାହ୍ନ ୧ଟା ସମୟରେ ପହଣ୍ଡି ହେବା ପରେ ୪ଟାରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ସିରେଇ, ରାହାଦିଆ, ସହାନ, ଗ୍ରାମ ଅତିକ୍ରମ କରିବା ପରେ ସହନା ଗ୍ରାମର ଆରାଧ୍ୟ ଠାକୁରାଣୀ ବ୍ରାହ୍ମଣୟୀଙ୍କ ମାଉସୀ ମା' ମନ୍ଦିରରେ ପୋଡପିଠା ଖାଇଥିଲେ। ତେବେ ଠାକୁର ମନ୍ଦିରରେ ପହଞ୍ଚି ନ ପାରି ଗୋଲାବଜାର ଛକରେ ଅଟକି ରହିଛନ୍ତି। ପୋଲିସ କର୍ମଚାରୀ ଏବଂ ବିଦ୍ୟୁତ୍ ବିଭାଗ କର୍ମଚାରୀମାନେ ରଥଟଣା କାର୍ଯ୍ୟରେ ପୂର୍ଣ୍ଣ ସହଯୋଗ କରିଥିଲେ।

## ମାଉସୀଘରୁ ପୋଡ଼ପିଠା ଖାଇଲେ ମହାପ୍ରଭୁ

**ପୁରୀ ଅଫିସ,୯।୭**

ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଭୋଜନ ପ୍ରିୟ। ସେଥିପାଇଁ ତାଙ୍କ ଶ୍ରୀମନ୍ଦିରରେ ପ୍ରତ୍ୟହ ୬୦ ପଉଟି ଭୋଗ ମଣୋହି ହୋଇଥାଏ। ଏହି ୬୦ ପଉଟି ଏବଂ ୫୬ ଭୋଗ ମଧ୍ୟରେ ମହାପ୍ରଭୁଙ୍କ ନିକଟରେ ପ୍ରତ୍ୟହ ଲାଗି ହୋଇଥାଏ ବିଭିନ୍ନ ପ୍ରକାର ପିଠା। ଏହି ପିଠା ମଧ୍ୟରେ ପୋଡ଼ ପିଠା ମହାପ୍ରଭୁଙ୍କ ବେଶ୍ ପ୍ରିୟ। ସେଥିପାଇଁ ଭଉଣୀଭାଇଙ୍କୁ ନେଇ ନବଦିନାତ୍ମକ ଯାତ୍ରାରେ ଯାଇଥିବା କାଳିଆ ସାଆନ୍ତେ ଆଡ଼ପମଣ୍ଡପରୁ ଶ୍ରୀମନ୍ଦିରକୁ ବାହୁଡ଼ିବା ବେଳେ ମାଉସୀ ମାଙ୍କ ଘର ପାଖରେ ଅଟକି ତାଙ୍କ ହାତରୁ ପୋଡ଼ପିଠା ଖାଇଥାନ୍ତି। ଶନିବାର ବାହୁଡା ଅବସରରେ ଶ୍ରୀମନ୍ଦିରକୁ ବାହୁଡିବା ବେଳେ ଦାରୁ ବିଗ୍ରହମାନେ ମାଉସୀ ମା ତଥା ଅର୍ଦ୍ଧେଶ୍ୱଷଣୀଙ୍କ ମନ୍ଦିର ନିକଟରେ ରଥ ଅଟକି ଯାଇଥିଲା। ଏହାପରେ ଦାରୁ ବିଗ୍ରହମାନଙ୍କୁ ମାଉସୀ ମାଙ୍କ ପକ୍ଷରୁ ପୋଡ ପିଠା ମଣୋହି କରାଯାଇଥିଲା। ପ୍ରଥମେ ବଡ଼ ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥ ମାଉସୀ ମାଙ୍କ ମନ୍ଦିର ନିକଟରେ ଅଟକିବା ପରେ ବଡ଼ ଠାକୁରଙ୍କୁ ପୋଡ଼ପିଠା ସମର୍ପଣ କରାଯାଇଥିଲା। ପରେ ମା' ସୁଭଦ୍ରା ଏବଂ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରୁ ଏକ ଲାଗିମାଳ ଅଣାଯାଇ ମାଉସୀ ମାଙ୍କୁ ପ୍ରଦାନ କରାଯାଇଥିଲା। ଏହାପରେ ମହାପ୍ରଭୁଙ୍କୁ ପୋଡପିଠା ମଣୋହି ହେବା ପରେ ମହାପ୍ରଭୁଙ୍କ ରଥ ଶ୍ରୀମନ୍ଦିର ଅଭିମୁଖେ ଗଡ଼ିଥିଲା।

## ଠାକୁରଙ୍କ ହରିଶୟନ ଏକାଦଶୀ

**ପୁରୀ ଅଫିସ,୯।୭**

ରବିବାର ଆଷାଢ ଶୁକ୍ଳ ଦ୍ୱାଦଶୀ ତିଥିରେ ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ ତିନି ରଥରେ ମହାପ୍ରଭୁଙ୍କ ଅନନ୍ୟ ସୁନାବେଶ ବା ରାଜରାଜେଶ୍ୱର ବେଶ ଅନୁଷ୍ଠିତ ହେବ। ଏଥିସହ ହରି ଶୟନ ଏକାଦଶୀ ମଧ୍ୟ ନୀତି ହେବ। ତେବେ ୨ବର୍ଷ ହେବ କରୋନା ପାଇଁ ଭକ୍ତମାନେ ମହାପ୍ରଭୁଙ୍କ ଦୁର୍ଲ୍ଲଭ ସୁନା ବେଶ ଦର୍ଶନରୁ ବଞ୍ଚିତ ରହିଥିଲେ। ହେଲେ ଚଳିତବର୍ଷ ସୁନାବେଶରେ ସଜ୍ଜିତ ମହାପ୍ରଭୁଙ୍କୁ ଭକ୍ତମାନେ ଦର୍ଶନ କରିବାର ସୁଯୋଗ ପାଇବେ। ଏଥିପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ମହାପ୍ରଭୁଙ୍କ ରଥ ଉପରେ ମଇଲମ ଓ ଏକଦଶୀ ସର୍ବାଙ୍ଗ ନୀତି ବଢିବା ପରେ ଠାକୁରଙ୍କ ସୁନାବେଶ ନୀତି ଆରମ୍ଭ ହେବ। ଅପରାହ୍ନ ୫ଟାଠାରୁ ସାଢେ ୬ଟା ୩୦ ମଧ୍ୟରେ ମହାପ୍ରଭୁଙ୍କ ସୁନା ବେଶ ନୀତି ନିର୍ଘଣ୍ଟ ସ୍ଥିର କରାଯାଇଛି। ତିନିଠାକୁର ହସ୍ତ, ପାଦ, ସହିତ କଣ୍ଠମାଳା, ଶ୍ରୀଭୂଜ, ଶ୍ରୀପୟର, ରତ୍ନ ପଦକ, ରତ୍ନ କିରଟ, କରପଲ୍ଲବ, ମୁଦି, କଣ୍ଠମାଳ, ବଳା, ବାହୁଟି, କାନ୍ତ ଓ କଟି ମେଖଳା ଆଦି ବହୁବିଧ ରତ୍ନଅଳଙ୍କାର ସଜେଇ ହେବେ। ରାତି ୧୦ ଠାରୁ ୧୧ ଟା ଭିତରେ ସୁନାବେଶ ମଇଲମ କରାଯିବ। ଅନ୍ୟନ୍ୟା ନୀତି ବଢିବା ପରେ ରାତି ୧ଟା ୩୦ରେ ଶୟନ ଠାକୁର ବିଜେ କରିବେ। ପରେ ଅନା ନୀତି ବଢି ବଡ଼ ସିଂହାର ବେଶ ପରେ ରାତି ୪ଟାରେ ହରି ଶୟନ ନୀତି ଅନୁଷ୍ଠିତ ହେବା ନେଇ ସୂଚନା ମିଳିଛି।

# ବାହୁଡ଼ାଯାତ୍ରାର ଏପଟସେପଟ

### ମହାପ୍ରଭୁଙ୍କୁ ଭକ୍ତି ଜଣାଇ ନୃତ୍ୟ ପରିବେଷଣ

ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ନୃତ୍ୟ ଏବଂ ସଙ୍ଗୀତପ୍ରିୟ। ତେଣୁ ମହାପ୍ରଭୁଙ୍କ ରଥଯାତ୍ରା ସମୟରେ ଯେଉଁଭଳି ନୃତ୍ୟଶିଳ୍ପୀମାନେ ବଡ଼ଦାଣ୍ଡରେ ନୃତ୍ୟ ପରିବେଷଣ କରିଥିଲେ। ସେହିଭଳି ବାହୁଡ଼ା ଯାତ୍ରାରେ ମଧ୍ୟ ଶିଶୁଠାରୁ ବଡ଼ ନୃତ୍ୟଶିଳ୍ପୀମାନେ ମହାପ୍ରଭୁଙ୍କୁ ଭକ୍ତି ଜଣାଇ ବାଟରେ ନୃତ୍ୟ କରି କରି ରତ୍ନବେଦୀକୁ ଆସିଥିଲେ। ପୁଣି କିଏ ହନୁମାନ ବେଶରେ ତ କିଏ ଶିବ, କୃଷ୍ଣ ବେଶ୍‌ରେ ନୃତ୍ୟ କରି ବେଶ ଆତ୍ମସନ୍ତୋଷ ଲାଭ କରୁଥିବା ଦେଖିବାକୁ ମିଳିଥିଲା। ତେବେ ମହାପ୍ରଭୁଙ୍କ ପହଣ୍ଡି ସମୟରେ ଏପରି ନୃତ୍ୟ ପରିବେଷଣ ପାଇଁ କୌଣସି ନିୟମ ନ ଥିବାବେଳେ ଆସ୍ତେ ଆସ୍ତେ ରଥ କର୍ଡନ ପରିସରରେ ନୃତ୍ୟ ପାଇଁ ନୃତ୍ୟଶିଳ୍ପୀମାନଙ୍କର ସଂଖ୍ୟା ବଢିବାରେ ଲାଗିଛି।

### ବଡ଼ ରଥ ପଛରେ ଗଡ଼ିଲା କୁନି ରଥ

ବାହୁଡା ଯାତ୍ରା ଅବସରରେ ଦୀର୍ଘ ଦୁଇ ବର୍ଷ ପରେ ପୁରୀରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଛି। ସମଗ୍ର ଶ୍ରୀକ୍ଷେତ୍ର ଶ୍ରୀଜଗନ୍ନାଥମୟ। ତେବେ ଶ୍ରୀଗୁଣ୍ଡିଚା ଯାତ୍ରା ଭଳି ମହାପ୍ରଭୁଙ୍କ ବାହୁଡା ଯାତ୍ରାର ଅନ୍ୟତମ ଆକର୍ଷଣ ଥିଲା କୁନି ରଥ। ପୁରୀର ବିଭିନ୍ନ ସାହିରୁ ଛୋଟ ଛୋଟ ନନ୍ଦିଘୋଷ ରଥ ବାହାରିଥିବା ଦେଖିବାକୁ ମିଳିଥିଲା। ଯାହାକୁ ଦେଖିବା ପାଇଁ ପିଲାମାନଙ୍କ ମଧ୍ୟରେ ବେଶ ଆଗ୍ରହ ରହିଥିଲା। ରଥ ପଛେ ପଛେ କୁନି ରଥକୁ ଭିଡି ନେଉଥିଲେ ଭକ୍ତ ଓ ପିଲା। ପୁରୀ ବଡଦାଣ୍ଡରେ ୧୫ରୁ ଅଧିକ କୁନି ରଥ ଗଡୁଥିଲା।

### ଶରଧାବାଲି ଛୁଇଁ ଭାବବିହ୍ୱଳ ଭକ୍ତ

ବାହୁଡା ଯାତ୍ରାରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିବା ଭକ୍ତ ଶରଧାବାଲିଠାରେ ରଥାରୂଢ଼ ମହାପ୍ରଭୁଙ୍କ ଦର୍ଶନ କରି ଭାବବିହ୍ୱଳ ହୋଇପଡିଛନ୍ତି। ମହାପ୍ରଭୁ ଯାହାକୁ ସ୍ପର୍ଶ କରନ୍ତି ସେ ଦେବତା ପାଲଟିଯାଏ ବୋଲି ବିଶ୍ୱାସ ରହିଛି। ତେଣୁ ମହାପ୍ରଭୁଙ୍କ ଘୋଷଯାତ୍ରା ସମୟରେ ରଥ କହେ ମୁଁ ଦେବତା, ପଥ କହେ ମୁଁ ଦେବତା। ଏହି କଥାକୁ ଆଧାର କରି ତିନିରଥ ଶରଧାବାଲିରୁ ଶ୍ରୀମନ୍ଦିର ଅଭିମୁଖେ ଗଡ଼ିବା ପରେ ଶରଧାବାଲି ଦେଇ ଗଡିଯାଇଥିବା ରଥଗୁଡିକର ଚକ ଚିହ୍ନ ରହିଯାଇଥିଲା। ଗହଳିରେ ରଥକୁ ଛୁଇଁ ପାରି ନ ଥିବା ଭକ୍ତ ଶରଧାବାଲି ଦେଇ ଯାଇଥିବା ରଥ ଚକ ଚିହ୍ନ, ବାଲିକୁ ଧରି ଭାବବିହ୍ୱଳ ହୋଇଯାଇଥିଲେ। ଅନେକ ଭକ୍ତ ଶରଧାବାଲିରେ ଗଡୁଥିବା ଓ ସାଷ୍ଟାଙ୍ଗ ପ୍ରଣାମ କରୁଥିବା ଦେଖିବାକୁ ମିଳିଥିଲା।



### ଶ୍ରୀଗୁଣ୍ଡିଚା ବାହାରେ ବାସି ମହାପ୍ରସାଦ ବିକ୍ରି ଅଭିଯୋଗ

ମହାପ୍ରଭୁଙ୍କ ବାହୁଡା ଯାତ୍ରା ସମୟରେ ଶ୍ରୀଗୁଣ୍ଡିଚା ମନ୍ଦିରର ସିଂହଦ୍ୱାର ନିକଟରେ କେତେଜଣ ଲୋକ ବାସି ମହାପ୍ରସାଦ ଆଣି ବିକ୍ରି କରୁଥିବା ଦେଖିବାକୁ ମିଳିଥିଲା, ଯାହାକୁ ନେଇ ଅଗଣତି ଜଗନ୍ନାଥପ୍ରେମୀଙ୍କୁ ଆଘାତ ଦେଇଛି। ଶନିବାର ମହାପ୍ରଭୁ ରଥାରୂଢ଼ ହୋଇ ଶ୍ରୀମନ୍ଦିର ଅଭିମୁଖେ ଆସୁଥିବା ସମୟରେ ଶ୍ରୀଗୁଣ୍ଡିଚା ସିଂହଦ୍ୱାର ନିକଟରେ କେତେଜଣ ଲୋକ ମହାପ୍ରସାଦ ରାସ୍ତାକଡରେ ରଖି ବିକ୍ରି କରୁଥିଲେ। ଜଣଙ୍କ ପିଛା ୧୦୦ ଏବଂ ୧୫୦ଟଙ୍କା ହିସାବରେ ବିକ୍ରି କରୁଥିଲେ। ହେଲେ କେତେଜଣ ଭକ୍ତ ଏହାକୁ ନେଇ ଖାଇବା ବେଳେ ବାସି ଥିବା ଅଭିଯୋଗ କରିଥିଲେ। ଅନେକେ ବାସି ହୋଇଥିଲେ ମଧ୍ୟ ମହାପ୍ରଭୁଙ୍କ ପ୍ରସାଦ କହି ନେଇଥିଲେ। ଅପରପକ୍ଷେ ଶ୍ରୀମନ୍ଦିର ଏବଂ ଆନନ୍ଦବଜାର ମଧ୍ୟରେ ମହାପ୍ରସାଦ ବିକ୍ରି କରିବା ପାଇଁ ପ୍ରଶାସନ କହିଥିବା ବେଳେ ମନ୍ଦିର ବାହାରେ ମହାପ୍ରସାଦ ବିକ୍ରି ଉପରେ କଟକଣା ଜାରି କରିଛି। ତେବେ କେଉଁ ପରିସ୍ଥିତିରେ ଶ୍ରୀଗୁଣ୍ଡିଚା ମନ୍ଦିର ବାହାରେ ମହାପ୍ରସାଦ ବିକ୍ରି କଲେ ତାହାକୁ ନେଇ ପ୍ରଶ୍ନ ଉଠିଛି।



### ବଡ଼ଦାଣ୍ଡ ହେଲା ପ୍ଲାଷ୍ଟିକ ବୋତଲ, ଚପଲ ମୟ

ବାହୁଡ଼ା ଯାତ୍ରା ଅବସରରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ବେଳେ ଶ୍ରୀଗୁଣ୍ଡିଚା ମନ୍ଦିରଠାରୁ ବଡ଼ଦାଣ୍ଡ ପର୍ଯ୍ୟନ୍ତ ରୋଡ୍‌ରେ ବିଭିନ୍ନ ପ୍ଲାଷ୍ଟିକ୍ ବୋତଲ, ଚପଲ ଗଡୁଥିବା ଦେଖିବାକୁ ମିଳିଥିଲା। ଭକ୍ତଙ୍କ ପାଇଁ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ପାଣି ବୋତଲ ଯୋଗାଇ ଦିଆଯାଇଥିଲା। ତେବେ ଅଧିକାଂଶ ଲୋକ ପାଣି ବୋତଲକୁ ପିଇବା ପରେ ଏଣେତେଣେ ପକାଇଥିଲେ। ଫଳରେ ବଡ଼ଦାଣ୍ଡର ରାସ୍ତା ସାରା ପ୍ଲାଷ୍ଟିକ ବୋତଲ ପଡ଼ି ରହିଥିଲା। ସେହିପରି ରଥଟଣା ସମୟରେ ଅନେକ ଶ୍ରଦ୍ଧାଳୁଙ୍କ ଚପଲ ମଧ୍ୟ ପଡ଼ିଥିଲା। ଅପରପକ୍ଷେ ଶ୍ରଦ୍ଧାଳୁଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଲୋକଙ୍କୁ ଖାଦ୍ୟ ଯୋଗାଇ ଦିଆଯାଇଥିଲା। ସେମାନେ ବଡ଼ଦାଣ୍ଡରେ ବସି ଭୋଜନ କରି ପତ୍ରଗୁଡିକୁ ସେହିପରି ରାସ୍ତା ଉପରେ ପକାଇ ଦେଇଥିଲେ।




### ଘରୋଇ ଆମ୍ବୁଲାନ୍ସରେ ଯାତ୍ରୀ ବୁହା

ଭକ୍ତଙ୍କ ସ୍ୱାସ୍ଥ୍ୟ ଖରାପ ହେଲେ ସେମାନଙ୍କୁ ଆମ୍ବୁଲାନ୍ସରେ ନେବା ପାଇଁ ବ୍ୟବସ୍ଥା କରାଯାଥିଲା। କିନ୍ତୁ ଅନେକ ଘରୋଇ ଆମ୍ବୁଲାନ୍ସ ଅସୁସ୍ଥ ଲୋକ ବଦଳରେ ଯାତ୍ରୀମାନଙ୍କୁ ଆମ୍ବୁଲାନ୍ସରେ ନେଉଥିବା ଦେଖିବାକୁ ମିଳିଥିଲା। ସେହିପରି ଅଧିକାଂଶ ସମୟରେ ଆମ୍ବୁଲାନ୍ସରେ ଅସୁସ୍ଥ ବ୍ୟକ୍ତି ନ ଥାଇ ମଧ୍ୟ ଆମ୍ବୁଲାନ୍ସଗୁଡିକ ବିନା କାରଣରେ ସାଇରନ ବଜାଇ ରାସ୍ତାରେ ଯିବା ଆସିବା କରୁଥିବା ଦେଖିବାକୁ ମିଳିଥିଲା। ତେବେ ଏପରି ଘଟଣା ପୂର୍ବରୁ ମଧ୍ୟ ଦେଖିବାକୁ ମିଳିଥିବାରୁ ରଥଯାତ୍ରା ସମନ୍ୱୟ ବୈଠକରେ ଏପରି ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଚଳିତବର୍ଷ ସେପରି କୌଣସି ସମସ୍ୟା ହେବ ନାହିଁ କହିବା ସତ୍ତ୍ୱେ କୌଣସି ପରିବର୍ତ୍ତନ ହୋଇ ନ ଥିଲା ।

### ଗରମରେ ଭକ୍ତ ଅଚେତ, ଲହଡ଼ି ମାଡ଼ରେ ପର୍ଯ୍ୟଟକ ଆହତ

ମହାପ୍ରଭୁଙ୍କ ବାହୁଡା ଯାତ୍ରାରେ ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ପୁରୀରେ ହୋଇଥିବା ବେଳେ ଅଘଟଣକୁ ପ୍ରତିହତ କରିବା ଲାଗି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ବଡ଼ଦାଣ୍ଡ ସମେତ ସମୁଦ୍ରକୂଳରେ ପ୍ରଶାସନ ପକ୍ଷରୁ ସେଚ୍ଛାସେବୀ, ଅଗ୍ନିଶମ ବିଭାଗ କର୍ମଚାରୀ ଏବଂ ଲାଇଫଗାର୍ଡମାନଙ୍କୁ ନିୟୋଜିତ କରାଯାଇଥିଲା। ତେବେ ବାହୁଡ଼ା ଯାତ୍ରାରେ ସାମିଲ ହେବାକୁ ଆସିଥିବା ଭକ୍ତମାନେ ରଥଟଣା ସମୟରେ ଅତ୍ୟଧିକ ଗରମ, ଗୁଳୁଗୁଳି ଏବଂ ଗହଳି ମଧ୍ୟରେ ଅନେକ ଭକ୍ତ ଅଣନିଃଶ୍ୱାସୀ ହୋଇ ଅଚେତ ହୋଇପଡିଥିଲେ। ବିଭିନ୍ନ ସେବା ଟ୍ରଷ୍ଟ ଅଚେତ ଭକ୍ତଙ୍କୁ ଉଠାଇବା ସହ ପାଣି ଦେଇଥିଲେ। ସେହିପରି ସମୁଦ୍ରରେ ସ୍ନାନ କରୁଥିବା ସମୟରେ ଲହଡି ମାଡରେ ଅନେକ ପର୍ଯ୍ୟଟକ ଆହତ ହୋଇଥିଲେ। ଲାଇଫଗାର୍ଡ ସୁରକ୍ଷାକର୍ମୀ ସେମାନଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।

## ସଂକ୍ଷେପରେ

### ପରିବେଶ ସୁରକ୍ଷା ବାର୍ତ୍ତା ଦେଲେ ଛାତ୍ରୀଛାତ୍ର

**ଖୋର୍ଦ୍ଧା ଅଫିସ,୯।୭:** ଚାଲ ଚାରାଟିଏ ଲଗାଇବା। ଗଛ ବଞ୍ଚିଲେ ଆମେ ବଞ୍ଚିବା, ଗଛ ରହିଲେ ଆମେ ରହିବା ସୁରକ୍ଷିତ। ଏଭଳି ସ୍ଲୋଗାନ ଦେଇ ଲୋକଙ୍କୁ ସଚେତନ କରିଥିଲେ ବିଡିଏ କଲୋନୀସ୍ଥିତ ସିଗ୍‌ମା ପବ୍ଲିକ ସ୍କୁଲର ଛାତ୍ରୀଛାତ୍ର। ହାତରେ ପ୍ଲାକାର୍ଡ ଧରି ଶୋଭାଯାତ୍ରାରେ ସହର ପରିକ୍ରମା କରି ଲୋକଙ୍କୁ ପରିବେଶ ସଚେତନତାର ବାର୍ତ୍ତା ଦେଇଥିଲେ। ଏଥିସହ ସ୍କୁଲ ପରିସରରେ ଆୟୋଜିତ ବନ ମହୋତ୍ସବରେ ଅଧକ୍ଷା ମମତାଞ୍ଜଳି ପଟ୍ଟନାୟକ ଚାରା ରୋପଣ କରିଥିଲେ। ଶିକ୍ଷକ ତୁଷାରକାନ୍ତି ବେହେରା, ମାନସ ମହାପାତ୍ର, ଜ୍ୟୋତିପ୍ରକାଶ ସାହୁ, ସାମିତ ତ୍ରିପାଠୀ ପ୍ରମୁଖ ପରିଚାଳନା କରିଥିଲେ। ପରିବେଶ ସଚେତନତା ଉଦ୍ଦେଶ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଶୁଚିସ୍ମିତା ବେହେରା, ଅବିନାଶ ସାମନ୍ତରାୟ, ଶୁଭଲକ୍ଷ୍ମୀ ସାହୁ, ରଞ୍ଜିତ୍ ବଡ଼ଜେନାଙ୍କୁ ପୁରସ୍କୃତ କରାଯାଇଥିଲା।

### 'କିଛି ସମୟ ରାଷ୍ଟ୍ର ପାଇଁ ଦିଅ'

**ଖୋର୍ଦ୍ଧା ଅଫିସ,୯।୭:** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ୭୪ତମ ପ୍ରତିଷ୍ଠା ଦିବସ ଓ ରାଷ୍ଟ୍ରୀୟ ବିଦ୍ୟାର୍ଥୀ ଦିବସ ଖୋର୍ଦ୍ଧା ନଗର ଶାଖା ପକ୍ଷରୁ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅଧାପିକା ପ୍ରବୀଣା ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ରାଷ୍ଟ୍ର ନିର୍ମାଣରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ନିଜ ମାତୃଭୂମି, ଦେଶକୁ ଭଲ ପାଇବା ଆବଶ୍ୟକ। କିଛି ସମୟ ରାଷ୍ଟ୍ର ହିତରେ ମନୋନିବେଶ ଲାଗି ଆହ୍ୱାନ କରିଥିଲେ। ମୁଖ୍ୟ ବକ୍ତାଭାବେ ରାମ ନାରାୟଣ ଦାସ ବିଦ୍ୟାର୍ଥୀ ପରିଷଦର ଲକ୍ଷ୍ୟ ଏବଂ ଆଦର୍ଶ ସମ୍ପର୍କରେ କହିଥିଲେ। ଏବିଭିପିର ସଦସ୍ୟତା ଅଭିଯାନ ଆରମ୍ଭ ହୋଇଛି। ନଗର ସହସମ୍ପାଦିକା ଅନ୍ନପୂର୍ଣ୍ଣା ସ୍ୱାଇଁ ମଞ୍ଚ ପରିଚାଳନା ଓ ରାଜ୍ୟ ସହସମ୍ପାଦିକା ସୁଶ୍ରୀ ଦୀପ୍ତିମୟୀ ପ୍ରତିହାରୀ ଧନ୍ୟବାଦ ଦେଇଥିଲେ। ଶୋଭନ ରାଉତରାୟ, ବର୍ଷାରାଣୀ ସାହୁ, ସରସ୍ୱତୀ ଚିନାରା, ରୁଦ୍ର ନାରାୟଣ, ଓମ୍ ପ୍ରକାଶ ଉପସ୍ଥିତ ଥିଲେ।

### ପ୍ରକୃତି ସହ ବନ୍ଧୁତା ଯୋଡ଼ିବାକୁ ଆହ୍ୱାନ

**ଖୋର୍ଦ୍ଧା ଅଫିସ,୯।୭:** ପବିତ୍ର ବାହୁଡ଼ା ଯାତ୍ରା ଅବସରରେ ଖୋର୍ଦ୍ଧା ଆଦର୍ଶ ଶ୍ମଶାନ ପରିସରରେ ସାମାଜିକ ଅନୁଷ୍ଠାନ ସମ୍ପର୍କ ପକ୍ଷରୁ ଚାରା ରୋପଣ କରାଯାଇଛି। ଅତିରିକ୍ତ ଜିଲାପାଳ ମନୋଜ ପାତ୍ର, ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇ ଚାରା ରୋପଣ କରି ପ୍ରକୃତି ସହ ବନ୍ଧୁତା ଯୋଡ଼ିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଐତିହ୍ୟ ଗବେଷକ ନାରାୟଣ ରାଓ, ପୌର ଉପାଧ୍ୟକ୍ଷ ଶୌର୍ଯ୍ୟରଞ୍ଜନ ମହାନ୍ତି, ଅନୁଷ୍ଠାନର ନିର୍ଦ୍ଦେଶକ ଉମାଶଙ୍କର ପ୍ରସାଦ, ସମ୍ପାଦକ ଲଳିତ ମୋହନ ସ୍ୱାଇଁ, ରାଧେଶ୍ୟାମ ଭଗତ, ସତ୍ୟବାଦୀ ବଳିୟାରସିଂ, ପ୍ରଭାତ ମିଶ୍ର, ଜୟନ୍ତ ରାୟ, ଶୁଭ୍ରାଂଶୁ ସାମନ୍ତରାୟ, କାଶୀନାଥ ରାୟ, ରାମଶଙ୍କର, ସୌମେନ୍ଦ୍ର ମହାନ୍ତି, ପ୍ରଦୀପ ବେହେରା, ଭ୍ରମରବର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ଡଙ୍ଗା ଭଡ଼ା ବୃଦ୍ଧି ନେଇ ଯାତ୍ରୀଙ୍କ ଅସନ୍ତୋଷ

**କୃଷ୍ଣପ୍ରସାଦ,୯।୭(ଡି.ଏନ୍.ଏ.):** ବିଶ୍ୱପ୍ରସିଦ୍ଧ ବାହୁଡ଼ା ଯାତ୍ରା ପାଇଁ କୃଷ୍ଣପ୍ରସାଦର ଜହ୍ନିକୁଦାରୁ ଚିଲିକା ଦେଇ ପୁରୀକୁ ଯିବା ଲାଗି ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ତେବେ ଡଙ୍ଗା ଚାଳକମାନେ ମନଇଚ୍ଛା ଭଡ଼ା ନେଉଥିବା ଦେଖିବାକୁ ମିଳିଛି। ଦୁଇଚକିଆ ଯାନ ପାଇଁ ୧୫ ଟଙ୍କା ପରିବର୍ତ୍ତେ ୫୦ରୁ ୧୦୦ ଟଙ୍କା, ଯାତ୍ରୀଭଡ଼ା ୫ ଟଙ୍କା ବଦଳରେ ୫୦ ଟଙ୍କା ନେଇଥିଲେ। ଗୋଟିଏ ଡଙ୍ଗାରେ ୨୦ରୁ ୩୦ ଯାତ୍ରୀ ନେବା ବଦଳରେ ୭୦/୮୦ ଏବଂ ୨୦ରୁ ୩୦ ବାଇକ୍ ନେଇ ଚିଲିକାରେ ବିପଜ୍ଜନକ ଭାବେ ଯାତାୟାତ କରିଥିଲେ। ଯାତ୍ରୀମାନେ ଲାଇଫ୍ ଜ୍ୟାକେଟ ପିନ୍ଧି ନ ଥିବା ଦେଖିବାକୁ ମିଳିଥିଲା। ଭଡ଼ା ବୃଦ୍ଧିକୁ ନେଇ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

### ୧୧ରୁ ବେଆଇନ ପାର୍କିଂ ଉପରେ କାର୍ଯ୍ୟାନୁଷ୍ଠାନ

ଖୋର୍ଦ୍ଧା ଅଫିସ,୯।୭: ଖୋର୍ଦ୍ଧା ସହରର ବିଭିନ୍ନ ଛକରେ ବେଆଇନ ପାର୍କିଂ ଯୋଗୁ ଜନସାଧାରଣ ଯାତାୟାତ ବେଳେ ହଇରାଣ ହେଉଛନ୍ତି। ଏଥିସହ ଦୁର୍ଘଟଣା ଘଟୁଛି। ଏହି ସମସ୍ୟା ଦୂର ଲାଗି ପୌର ପ୍ରଶାସନ ପକ୍ଷରୁ ଆସନ୍ତା ୧୧ ତାରିଖରୁ ଜିଲା ପ୍ରଶାସନ ଏବଂ ପୋଲିସ ପକ୍ଷରୁ ମିଳିତ ଏନ୍‌ଫୋର୍ସମେଣ୍ଟ ଟିମ୍ ଦ୍ୱାରା ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ମଧ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ଜାରି ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି।

# ସରିଲା ବାହୁଡ଼ାଯାତ୍ରା, ଫେରିଲେ ମହାପ୍ରଭୁ


**ବାହୁଡ଼ାଯାତ୍ରା:** ବୋଲଗଡ଼ରେ ଶ୍ରଦ୍ଧାଳୁମାନେ ରଥ ଟାଣୁଛନ୍ତି।



ଗଡ଼ଖୋର୍ଦ୍ଧାରେ ଭକ୍ତମାନେ ରଥ ଟାଣି ନେଉଛନ୍ତି।


ଜଟଣୀ ବ୍ଲକ୍ କନ୍ତିଆରେ ଶ୍ରଦ୍ଧାଳୁଙ୍କ ଭିଡ଼।


କୁଦିଆରୀରେ ଶ୍ରଦ୍ଧାଳୁଙ୍କ ସମାବେଶ।

**ଖୋର୍ଦ୍ଧା ଅଫିସ,୯।୭**

ଶ୍ରୀକ୍ଷେତ୍ର ସହିତ ରାଜ୍ୟର ବିଭିନ୍ନ ସ୍ଥାନରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜିଲା ଜାଗୁଲିପାଟଣାସ୍ଥିତ ଶ୍ରୀଅନନ୍ତ ପୁରୁଷୋତ୍ତମ(ପୂର୍ଣ୍ଣବିଗ୍ରହ) ଦେବ ନବଦିନାତ୍ମକ ଯାତ୍ରାସାରି ସ୍ୱମନ୍ଦିର ଅଭିମୁଖେ ବାହୁଡ଼ିଛନ୍ତି। ଶ୍ରଦ୍ଧାଳୁମାନେ ରଥ ଟାଣିବା ସହ ସନ୍ଧ୍ୟା ୬ଟା ସୁଦ୍ଧା ମନ୍ଦିର ସିଂହଦ୍ୱାର ନିକଟରେ ଲାଗିଥିଲା। ପ୍ରାୟ ୫୦ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମହାପ୍ରଭୁଙ୍କ ଜୟଜୟକାର, ଘଣ୍ଟ, ବିଜେ କାହାଳି ଆଦି ବାଦ୍ୟଯନ୍ତ୍ରରେ ପରିବେଶ ପ୍ରକମ୍ପିତ ହୋଇଉଠିଥିଲା। ରଥାରୂଢ଼ ଶ୍ରୀଜୀଉଙ୍କ ଦର୍ଶନ କରି ଭାବବିହ୍ୱଳ ହୋଇପଡ଼ିଥିଲେ ଭକ୍ତ। ଶନିବାର ଭୋର୍ ୪ଟାରେ ଦ୍ୱାରଫିଟା ନୀତି, ମଙ୍ଗଳ ଆଳତି ପରେ ଅନ୍ୟାନ୍ୟ ନୀତି ହୋଇଥିଲା। ମଧ୍ୟାହ୍ନ ଧୂପ ପରେ ବାହୁଡ଼ା ପହଣ୍ଡି ଲାଗି ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଅପରାହ୍ନ ୨ଟାରେ ଆରମ୍ଭ ହୋଇଥିଲା ପହଣ୍ଡି। ଧାଡ଼ି ପହଣ୍ଡିରେ ଆସି ଶ୍ରୀଜୀଉମାନେ ରଥାରୂଢ଼ ହୋଇଥିଲେ। ପ୍ରଥମେ ଶ୍ରୀସୁଦର୍ଶନ ୨ଟା ୧୫ରେ ରଥାରୂଢ଼ ହୋଇଥିଲେ। ପରେ ଶ୍ରୀ ବଳଭଦ୍ର ୨ଟା ୪୦, ଦେବୀ ସୁଭଦ୍ରା ୨ଟା ୫୫ରେ ରଥାରୂଢ଼ ହୋଇଥିଲେ। ପରେ ଅଝଟିଆ ଠାକୁର କାଳିଆ ସାଆନ୍ତଙ୍କ ୩ଟାରେ ଆରମ୍ଭ ହୋଇଥିଲା ପହଣ୍ଡି। ମହାପ୍ରଭୁ ୩ଟା ୪୫ରେ ରଥାରୂଢ଼ ହୋଇଥିଲେ। ରଥରେ ଠାକୁରମାନଙ୍କୁ ରୁଦ୍ଧାଯାଇ ବେଶନୀତି ସମ୍ପନ୍ନ ପରେ ଅନ୍ୟାନ୍ୟ ନୀତି ହୋଇଥିଲା। ଅପରାହ୍ନ ୪ଟାରେ ଭୁବନେଶ୍ୱର ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ ରଥରେ ଛେରାପହଁରା ନୀତି ସହ ତିନିଠାକୁରଙ୍କ ବନ୍ଦାପନା ଓ ଆଳତି କରିଥିଲେ। ପରେ ଚାରମାଳ ଫିଟାଯାଇ ସାରଥି ଏବଂ ଘୋଡ଼ା ଯୋଚାଯାଇଥିଲା। ଅପରାହ୍ନ ୫ଟାରେ ଆରମ୍ଭ ହୋଇଥିଲା ରଥଟଣା। ମନ୍ଦିର ନିକଟରେ ମହାଲକ୍ଷ୍ମୀ ଭେଟନୀତି ସମ୍ପନ୍ନ ହୋଇଥିଲା। ମହାପ୍ରଭୁଙ୍କ ଆଜ୍ଞାମାଳ ବିଜେ ସହ ବନ୍ଦାପନା କରାଯାଇଥିଲା। ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ରଥକୁ ଟାଣି ନେଇ ମନ୍ଦିର ନିକଟରେ ପହଞ୍ଚାଇଥିଲେ। ଆଇନଶୃଙ୍ଖଳା, ଟ୍ରାଫିକ ନିୟନ୍ତ୍ରଣ ପ୍ରାୟ ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ଅତିରିକ୍ତ ଏସ୍‌ପି ଏସ୍.କେ. ମୁର୍ମୁ, ସଦର ଏସ୍‌ଡିପିଓ ସୁଶୀଲ କୁମାର ମିଶ୍ର ଉପସ୍ଥିତ ଥିଲେ। ମହାପ୍ରଭୁଙ୍କ ଲୀଳାକ୍ଷେତ୍ର ଗଡ଼ଖୋର୍ଦ୍ଧାସ୍ଥିତ ଚତୁର୍ଦ୍ଧା ବିଗ୍ରହଙ୍କ ପ୍ରଥମଥର ଆୟୋଜିତ ହୋଇଥିଲା ରଥଯାତ୍ରା। ନବଦିନ ଯାତ୍ରା ସାରି ମହାପ୍ରଭୁ ଭାଇ ଭଉଣୀଙ୍କୁ ଧରି ମନ୍ଦିରକୁ ଫେରିଛନ୍ତି। ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ବେଳେ ମହାପ୍ରଭୁଙ୍କ ରଥକୁ ଟାଣି ନେଇ ମନ୍ଦିର ନିକଟରେ ପହଞ୍ଚାଇଥିଲେ। ଖୋର୍ଦ୍ଧାଗଡ଼ସ୍ଥିତ ଅସ୍ଥାୟୀ ଗୁଣ୍ଡିଚା ମନ୍ଦିର ଲୀଳା ସାରି ଶ୍ରଦ୍ଧାଳୁଙ୍କ ଗହଣରେ ଫେରିଥିଲେ ଶ୍ରୀଜୀଉ। ଘଣ୍ଟ, ମୃଦଙ୍ଗ, ବାଦ୍ୟଯନ୍ତ୍ର ସହ ହୁଳହୁଳି, ଜୟ ଜୟକାରରେ ଗଡ଼ଖୋର୍ଦ୍ଧା ଉତ୍ସବମୁଖର ହୋଇଉଠିଥିଲା। ମଧ୍ୟାହ୍ନରେ ଚତୁର୍ଦ୍ଧାମୂର୍ତ୍ତି ଧାଡ଼ି ପହଣ୍ଡିରେ ଆସି ରଥାରୂଢ଼ ହୋଇଥିଲେ। ରଥରେ ଶ୍ରୀଜୀଉଙ୍କ ବେଶ ନୀତି ସମ୍ପନ୍ନ ହୋଇ ଅନ୍ୟାନ୍ୟ ନୀତି ପରେ ଅପରାହ୍ନ ସାଢ଼େ ୧ଟାରେ ସଂସ୍କୃତି ଗବେଷକ ଜାନକୀ ବଲ୍ଲଭ ପଟ୍ଟନାୟକ ରଥରେ ଛେରାପହଁରା କରିଥିଲେ। ପରେ ଚାରମାଳ ଫିଟାଯାଇ ସାରଥି ଏବଂ ଘୋଡ଼ା ଲାଗି କରାଯାଇଥିଲା। ଅପରାହ୍ନ ୨ଟାରେ ଆରମ୍ଭ ହୋଇଥିଲା ରଥଟଣା। ମନ୍ଦିର ନିକଟରେ ମହାଲକ୍ଷ୍ମୀଙ୍କ ଭେଟନୀତି ସମ୍ପନ୍ନ ହୋଇଥିଲା। ଅପରାହ୍ନ ୪ଟା ସୁଦ୍ଧା ରଥ ମନ୍ଦିର ଆଗରେ ପହଞ୍ଚିଥିଲା। ଜଗବନ୍ଧୁ ପଟ୍ଟନାୟକ, ରମେଶ ମହାନ୍ତି, ଗୋପୀନାଥ ଦାସ, ଅଜିତ ପଟ୍ଟନାୟକ, ଶୁଭ୍ରଜିତ୍ ସାମନ୍ତରାୟ ପରିଚାଳନା କରିଥିଲେ।


ଜାଗୁଲିପାଟଣାସ୍ଥିତ ଶ୍ରୀଅନନ୍ତ ପୁରୁଷୋତ୍ତମ ଦେବଙ୍କ ବାହୁଡ଼ାଯାତ୍ରାରେ ଶ୍ରଦ୍ଧାଳୁ।

**ଜଟଣୀ,(ଡି.ଏନ୍.ଏ.):** ଜଟଣୀ ପୌରାଞ୍ଚଳ ଅଧୀନ ବାଛରାପାଟଣା, କୁଦିଆରୀ ଏବଂ ବ୍ଲକ ଅଧୀନ ଛଣଘର, କୁସୁମାଟି, ବେଣାପଞ୍ଜରୀ, କନ୍ତିଆ ଏବଂ ଲବଣଗିରି ଆଦି ଜଗନ୍ନାଥ ମନ୍ଦିର କମିଟି ପକ୍ଷରୁ ମହାପ୍ରଭୁଙ୍କ ବାହୁଡା ଯାତ୍ରା ହୋଇଥିଲା। ନବଦିନାତ୍ମକ ଯାତ୍ରା ସାରି ମହାପ୍ରଭୁ ସ୍ୱମନ୍ଦିର ଅଭିମୁଖେ ବାହୁଡ଼ିଥିଲେ। ପ୍ରାତଃରୁ ସମସ୍ତ ନୀତିକାନ୍ତି ଓ ପୂଜାର୍ଚ୍ଚନା କରାଯିବା ପରେ ନିର୍ଦ୍ଧାରିତ ସମୟରେ ରଥ ଟଣାଯିବା ସହ ମନ୍ଦିର ନିକଟରେ ପହଞ୍ଚିଥିଲା। ସ୍ଥାନୀୟ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ପୌରାଞ୍ଚଳ ଅନ୍ତର୍ଗତ କୁଦିଆରୀ ଗ୍ରାମଠାରେ ରଥଟଣା ବେଳେ ଶ୍ରଦ୍ଧାଳୁ ଅକ୍ଷୟ ମାଳିଙ୍କ ଗୋଡ଼ ଉପରେ ରଥ ଚକ ଚଢ଼ି ଯାଇଥିଲା। ଫଳରେ ଗୁରୁତର ଅବସ୍ଥାରେ ତାଙ୍କୁ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅନ୍ୟ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଗ୍ରାମବାସୀ କହିଛନ୍ତି।

**ବୋଲଗଡ଼,(ଡି.ଏନ୍.ଏ.):** ବୋଲଗଡ଼ ବ୍ଲକର ବିଭିନ୍ନ ସ୍ଥାନରେ ଶନିବାର ପବିତ୍ର ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମହାପ୍ରଭୁ ଜଗନ୍ନାଥଙ୍କ ରୂପରେ ପୂଜା ପାଉଥିବା ତୃତୀୟାଦେବ ଜନ୍ମବେଦିରେ ନିଜର ନବଦିନାତ୍ମକ ଯାତ୍ରା ସାରି ବାହୁଡିଥିଲେ ସ୍ୱମନ୍ଦିର। ସ୍ଥାନୀୟ ନନ୍ଦିଘୋଷ ଭବନ ଗୁଣ୍ଡିଚା ଘରୁ ଚତୁର୍ଦ୍ଧା ମୂର୍ତ୍ତି ଶ୍ରଦ୍ଧାଳୁଙ୍କ ହରିବୋଲ, ହୁଳହୁଳି, ଘଣ୍ଟ ବାଦ୍ୟ ଓ ତୂରି ନାଦରେ ଅପରାହ୍ନ ୩ଟାରେ ଗୋଟି ପହଣ୍ଡି ମାଧ୍ୟମରେ ରଥାରୂଢ଼ ହୋଇ ପ୍ରତ୍ୟାବର୍ତ୍ତନ କରିଛନ୍ତି। ପ୍ରାତଃରେ ମହାପ୍ରଭୁଙ୍କ ମଙ୍ଗଳ ଆଳତି, ଅବକାଶ, ମଇଲମ, ତଡ଼ପ ଲାଗି, ଦ୍ୱାରପାଳ ପୂଜା ପରେ ସ୍ୱତନ୍ତ୍ର ଖେଚୁଡ଼ି ଭୋଗ ହୋଇଥିଲା। ଏହାପରେ ଡୋର ଲାଗି ଓ ପୁଷ୍ପାଞ୍ଜଳି ନୀତି ଅନୁଷ୍ଠିତ ହୋଇଥିଲା। ବାମନ ଉଚ୍ଚ ବିଦ୍ୟାଳୟ ଏବଂ ପୁରୁଣା ବଜାର ଦେଇ ସନ୍ଧ୍ୟା ୬ଟାରେ ସ୍ୱମନ୍ଦିର ନିକଟରେ ପହଞ୍ଚିଥିଲେ।

**କୃଷ୍ଣପ୍ରସାଦ,(ଡି.ଏନ୍.ଏ.):** ପୁରୀ ଜିଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଚନ୍ଦନଯାତ୍ରା ପଡ଼ିଆସ୍ଥିତ ମାଉସୀ ମା'ମନ୍ଦିରରୁ ଶ୍ରୀଜୀଉଙ୍କ ବିଗ୍ରହଙ୍କୁ ରଥ ପହଣ୍ଡି ବିଜେ କରାଯାଇଥିଲା। ପାରିକୁଦ ରାଜାଙ୍କ କୁଳ ପୁରୋହିତ ତ୍ରିନାଥ ଚନ୍ଦ୍ର ଦେବତା ଛେରାପହଁରା କରିବା ପରେ ରଥଟଣା ଯାଇଥିଲା। ନୀଳକଣ୍ଠ ତ୍ରିପାଠୀ, ବାଉରିବନ୍ଧୁ ଦଳେଇ, ଉମେଶ କୁମାର ସିଂହସାମନ୍ତ, ବିଜୟ ଜେନା, ଚରଣ ପରିଡ଼ା, କୃଷ୍ଣଚନ୍ଦ୍ର ବହୁବଳେନ୍ଦ୍ର, ସୁଶାନ୍ତ ଭାରିମଲ ପ୍ରମୁଖ ପରିଚାଳନା କରିଥିଲେ। ଶାନ୍ତିଶୃଙ୍ଖଳା ପାଇଁ କୃଷ୍ଣପ୍ରସାଦ ଆଇଆଇସି ଦିଲ୍ଲୀପ ସ୍ୱାଇଁଙ୍କ ନେତୃତ୍ୱରେ ୧ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା।

# ବିଦ୍ୟାଳୟରେ ନିରାପତ୍ତା ସପ୍ତାହ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି, ଶିକ୍ଷକ ଓ ଛାତ୍ରୀଛାତ୍ରମାନେ।

**ବୋଲଗଡ଼,୯।୭(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ଅଧୀନ ସଂପୁରସ୍ଥିତ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଶିକ୍ଷକ ପ୍ରମୋଦ କୁମାର ସାହୁ ଏବଂ ଶିକ୍ଷୟିତ୍ରୀ ସ୍ରୋତାଲିନୀ ସାହୁଙ୍କ ତତ୍ତ୍ୱାବଧାନରେ ଶନିବାର ନିରାପତ୍ତା ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ଜଳଧର ମହାନ୍ତି, ମୁଖ୍ୟ ବକ୍ତା ବୋଲଗଡ଼ ବ୍ଲକ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅମୂଲ୍ୟ କୁମାର ବାହିନୀପତି, ଅତିଥି ଭାବେ ଖଙ୍ଗୁରିଆ ସମିତିସଭ୍ୟା ବିନୋଦିନୀ ଦତ୍ତ, ସହକାରୀ ଯନ୍ତ୍ରୀ ନୃସିଂହ ଚରଣ ପ୍ରଧାନ, ଅନିତା ସେନାପତି, ମନୋରଞ୍ଜନ କର, ସୁସ୍ମିତା ମିଶ୍ର, ଗ୍ରାମୀଣ ଗୃହ ପ୍ରକଳ୍ପ ସଂଯୋଜକ ବିଶ୍ୱଜିତ୍ ବେହେରା, ସାମାଜିକ କର୍ମୀ ଶ୍ରୀଧର ଦତ୍ତ, ସତ୍ୟରଞ୍ଜନ ରାଉତରାୟ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ସୁରକ୍ଷା ନିମିତ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱବୋଧ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଶିକ୍ଷୟିତ୍ରୀ ଶୈବାଳିକା ମଲ୍ଲିକ ଏବଂ ସ୍ୱର୍ଣ୍ଣଲତା ପ୍ରଧାନ ବିଦ୍ୟାଳୟରେ ୨୦୨୨ ଜୁଲାଇରୁ ୨୦୨୩ ମାର୍ଚ୍ଚ ଯାଏ ବିଦ୍ୟାର୍ଥୀଙ୍କ ନିରାପତ୍ତା ନିମିତ୍ତ ବିଦ୍ୟାଳୟ ପକ୍ଷରୁ କେଉଁ କେଉଁ କାର୍ଯ୍ୟକ୍ରମ କରାଯିବ ତାହା ପ୍ରକାଶ କରିଥିଲେ। ଶିକ୍ଷକ ବିଚିତ୍ର କୁମାର ଘଡ଼େଇ ପିଲାମାନଙ୍କୁ ନିଆଁଲିଭା ଯନ୍ତ୍ରର ବ୍ୟବହାର ଶିଖାଇଥିଲେ। ଶିକ୍ଷା କର୍ମଚାରୀ ସ୍ନେହଲତା ପାଇକରାୟ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବେଳେ ଶିକ୍ଷୟିତ୍ରୀ ସୌଦାମିନୀ ପରିଡ଼ା ଧନ୍ୟବାଦ ଦେଇଥିଲେ।

## ପାଲାଗାୟକ ଆନନ୍ଦ ବେହେରାଙ୍କ ପରଲୋକ

**ଖୋର୍ଦ୍ଧା ଅଫିସ,୯।୭**

ଖୋର୍ଦ୍ଧା ଜିଲାର ବିଶିଷ୍ଟ ପାଲାଗାୟକ ଆନନ୍ଦ ଚନ୍ଦ୍ର ବେହେରା(୭୨)ଙ୍କ ଶନିବାର ପରଲୋକ ହୋଇଯାଇଛି। ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଖବର ପ୍ରଚାରିତ ହେବା ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପୁଅ ସୂର୍ଯ୍ୟ ପ୍ରକାଶ, ଗଣେଶ ପ୍ରକାଶ, ଜୀବନ ପ୍ରକାଶ, ପୁତ୍ର ବଧୂ, ଭାଇ କାଳନ୍ଦୀ ବେହେରା ଉପସ୍ଥିତ ଥିଲେ। ସୁଲଳିତ ପାଲା ପରିବେଷଣ ପାଇଁ ରାଜ୍ୟର କୋଣ ଅନୁକୋଣରେ ଆନନ୍ଦ ପରିଚିତ ଥିଲେ। ତାଙ୍କୁ ଗାୟକ କାବ୍ୟ ସୌରଭ, ଗାୟକ କାବ୍ୟ ଭାସ୍କର, ପୁରୀ, ଘଟଗାଁ, ସମ୍ବଲପୁର, ଅନୁଗୋଳ ଆଦି ଅନେକ ସ୍ଥାନରୁ ପୁରସ୍କୃତ ହୋଇଛନ୍ତି। ବୋଲଗଡ ବ୍ଲକ ବୋରିକ ଠାରେ ଗାଁ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡ଼ ପୁଅ ସୂର୍ଯ୍ୟପ୍ରକାଶ ମୁଖାଗ୍ନି ଦେଇଥିଲେ।

# ପରିବେଶ ସୁରକ୍ଷା ଲାଗି ଆହ୍ୱାନ

**ବୋଲଗଡ଼, ୯।୭ (ଡି.ଏନ୍.ଏ.)**



ବିଦ୍ୟାଳୟରେ ଚାରାରୋପଣ କରାଯାଉଛି।

ବୋଲଗଡ଼ ବ୍ଲକ ଅଧୀନ ପିଚୁକୁଳି ଓ ସଂପୁର ସ୍ଥିତ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ ସପ୍ତାହ ଉପଲକ୍ଷେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପିଚୁକୁଳିସ୍ଥିତ ରଘୁନାଥ ଦେବ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ବିଷ୍ଣୁଚରଣ ମହାରଣାଙ୍କ ମାର୍ଗଦର୍ଶନ ଓ ଶିକ୍ଷକ ବିଚିତ୍ରାନନ୍ଦ ରାୟଗୁରୁ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ଚାରା ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସିଆର୍‌ସିସି ଦୁର୍ଗାପ୍ରସାଦ ସୁବୁଦ୍ଧି ଓ ଜିପିଟିଏ ସଦସ୍ୟ ଉପସ୍ଥିତ ଥିଲେ। ସେହିପରି ସଂପୁରସ୍ଥିତ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟରେ ୭୩ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରମୋଦ ସ୍ୱାଇଁଙ୍କ ମାର୍ଗଦର୍ଶନ ଏବଂ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ପ୍ରଧାନଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥିଭାବେ ବୋଲଗଡ଼ ଗୋଷ୍ଠୀ ସହଶିକ୍ଷାଧିକାରୀ ପଦ୍ମଚରଣ ବେହେରା, ମାଟ୍ରିକ୍ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ସୁମିତ ରଞ୍ଜନ ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷା ବିନୋଦିନୀ ଦତ୍ତ, ସାଧନା କେନ୍ଦ୍ର ସଂଯୋଜକ ବିଶ୍ୱରଞ୍ଜନ ସେଠୀ, ସାମାଜିକ କର୍ମୀ ଶ୍ରୀଧର ଦତ୍ତ, ବନ ବିଭାଗ କର୍ମଚାରୀ ନେପାଳ ଚନ୍ଦ୍ର ଲେଙ୍କା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ଚାରା ରୋପଣ କରାଯାଇଥିଲା।

# ଦୋକାନଘର ଉଚ୍ଛେଦ ବେଳେ ଉତ୍ତେଜନା

**ଖୋର୍ଦ୍ଧା ଅଫିସ,୯।୭**

ଖୋର୍ଦ୍ଧା ପୌର ପ୍ରଶାସନ ପକ୍ଷରୁ ଶନିବାର ଜବରଦଖଲ ଉଚ୍ଛେଦ କରାଯାଇଛି। ଟ୍ରାଫିକ ଛକ ଠାରୁ ନୂଆ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ରାସ୍ତାକୁ ଅବରୋଧ କରି ବେପାର କରୁଥିବା ଦୋକାନଗୁଡ଼ିକୁ ଭାଙ୍ଗି ଦିଆଯାଇଛି। ଅନ୍ୟପଟେ ବିନା ନୋଟିସରେ ଉଚ୍ଛେଦକୁ ନେଇ ସ୍ଥାନୀୟ ଦୋକାନୀମାନେ ବିରୋଧ କରିଥିଲେ। ଫଳରେ ପୌର ପ୍ରଶାସନ ଓ ପୋଲିସ ସହ ବେପାରୀମାନେ ମୁହାଁମୁହିଁ ହୋଇଥିଲେ। ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ସମବାୟ ଛକରେ ପରିବା ବ୍ୟବସାୟୀମାନେ ପ୍ରତିବାଦ ସହ ରାସ୍ତା ଅବରୋଧ କରିଥିଲେ। ଆଲୋଚନା କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ପରେ ଅବରୋଧ ହଟିଥିଲା। ଏଥିସହ ଉଚ୍ଛେଦ ପ୍ରକ୍ରିୟା ବନ୍ଦ ରହିଥିଲା। ସୂଚନା ମୁତାବକ, ପୂର୍ବାହ୍ନରେ ପୌର ପ୍ରଶାସନ କାର୍ଯ୍ୟନିର୍ବାହୀ ତଥା ଉପଜିଲାପାଳ ଆଇ.ଗୌରବ ଶିବାଜୀଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାର ଈପ୍‌ସିତ ସାହୁ, ପୌର କର୍ମଚାରୀ ଏକ ପ୍ଲାଟୁନ ପୋଲିସ ଫୋର୍ସ ସହ ଟ୍ରାଫିକ ଛକରେ ପହଞ୍ଚିଥିଲେ। ବାହୁଡା ଯାତ୍ରା ଥିବାରୁ ପ୍ରାୟ ଦୋକାନ ବନ୍ଦ ରହିଥିଲା। କେହି କିଛି ବୁଝିବା ପୂର୍ବରୁ ଟ୍ରାଫିକ ଛକ ଠାରୁ ରାସ୍ତାକୁ ଅବରୋଧ କରି ରହିଥିବା ଦୋକାନ ଘରକୁ ଜେସିବି ସାହାଯ୍ୟରେ ଭଙ୍ଗା ଯାଇଥିଲା। ଟ୍ରାଫିକ ଛକ ପରେ ସମବାୟ ଛକ ପଞ୍ଚସଖା ପରିବା ବ୍ୟବସାୟୀ ସଂଘର କେତେକ ଦୋକାନ ସହ ରାସ୍ତା ଉପରେ ରହିଥିବା ଅସ୍ଥାୟୀ ଟେଣ୍ଟ ଭଙ୍ଗା ଯାଇଥିଲା। ଏନେଇ ପୌର ପରିଷଦର ଜଣେ ଅଧିକାରୀ କୁହନ୍ତି, ରାସ୍ତା ଅବରୋଧ ନେଇ ବାରମ୍ବାର ବେପାରୀଙ୍କୁ ତାଗିଦ୍ କରାଯାଇଛି। ଏହା ସତ୍ତ୍ୱେ କେହି ମାନିବାକୁ ନାରାଜ। ସାମଗ୍ରୀ କିଣିବାକୁ ଆସୁଥିବା ଗ୍ରାହକମାନେ ରାସ୍ତାରେ ବାଇକ୍ ପାର୍କିଂ କରିବା ଯୋଗୁ ଯାତାୟାତରେ ସମସ୍ୟା ହେଉଛି। ଆଗକୁ ଜବରଦଖଲ ଉଚ୍ଛେଦ ଜୋରଦାର କରାଯିବ। ଅନ୍ୟପକ୍ଷରେ ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏହି ଉଚ୍ଛେଦ କରାଯାଇଥିଲା ବୋଲି ତହସିଲଦାର ସାହୁ କହିଛନ୍ତି।


ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଉଛି।

**ପ୍ରଶାସନ ସହ ଦୋକାନୀ ମୁହାଁମୁହିଁ, ରାସ୍ତା ଅବରୋଧ**

### ଏମାନେ ଯାହା କୁହନ୍ତି...

" ଉଚ୍ଛେଦ ନେଇ ପୂର୍ବରୁ କୌଣସି ସୂଚନା ଦିଆଯାଇ ନାହିଁ। ପ୍ରଶାସନ ପକ୍ଷରୁ ୧୫ଟି ପରିବା ଦୋକାନ ଭାଙ୍ଗି ଦିଆଯାଇଛି। ଫଳରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ପରିବା, ସାମଗ୍ରୀ ନଷ୍ଟ ହୋଇଛି।

**- ପୀତାମ୍ବର ବେହେରା, ସମ୍ପାଦକ, ପଞ୍ଚସଖା ପରିବାର ବ୍ୟବସାୟୀ ସଂଘ**

" ୨୦ବର୍ଷ ହେଲା ବ୍ୟବସାୟ କରୁଛି। ଏଥିରେ ପରିବାର ଚଳିଥାଏ। କୌଣସି ଆଗୁଆ ସୂଚନା ନ ଥିଲା। ବାହୁଡ଼ା ପାଇଁ ଦୋକାନ ବନ୍ଦ ରହିଥିଲା। ଏଭଳି ସମୟରେ ଦୋକାନ ଭାଙ୍ଗିଦେଲେ। ପ୍ରାୟ ୫୦ହଜାର ଟଙ୍କାର ଆମ୍ବ ରହିଥିଲା। ସେସବୁ ମାଟିରେ ମିଶିଗଲା।

**- ବିଜୟ କୁମାର ସାହୁ, ଆମ୍ବ ବ୍ୟବସାୟୀ**

" ଦୀର୍ଘ ବର୍ଷ ହେବ ଏଠାରେ ଦୋକାନ ଦେଇଛି। ଦୁଇ ବର୍ଷ କରୋନା ଦାଉ ସାଜିଲା। ଏବେ ବଜାରକୁ ଆଗ ଭଳି ପରିବା ଆସୁନାହିଁ। ବେପାର ମାନ୍ଦା ରହିଥିବା ବେଳେ ଦୋକାନରେ ଯାହା କିଛି ରହିଥିଲା, ତାହାକୁ ମାଟିରେ ମିଶାଇ ଦେଲା ପ୍ରଶାସନ।

**- ବେଣୁଧର ସାହୁ, ପରିବା ବ୍ୟବସାୟୀ**

## ରକ୍ତଦାନ ଶିବିର, ଚାରାରୋପଣ

**ଖୋର୍ଦ୍ଧା ଅଫିସ,୯।୭**

ବିଜୁ ଜନତା ଦଳର ୨୫ ବର୍ଷ ପୂର୍ତ୍ତି ଅବସରରେ ଶନିବାର ବେଗୁନିଆ ନିର୍ବାଚନ ମଣ୍ଡଳୀ ରାଧାକାନ୍ତପୁର ପଞ୍ଚାୟତର ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଠାରେ ରକ୍ତଦାନ ଶିବିର ଓ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ରାଜେନ୍ଦ୍ର ସାହୁ ଶିବିର ଉଦ୍‌ଘାଟନ ସହ ସ୍ଥାନୀୟ ବିଦ୍ୟାଳୟ ପରିସରରେ ଚାରା ରୋପଣ କରିଥିଲେ। ଶିବିରରେ ନୟାଗଡ଼ ବ୍ଲଡ୍ ବ୍ୟାଙ୍କ ଦ୍ୱାରା ୪୭ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ବିଜୁ ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଅବ୍ୟକ୍ତ ହରିହର ଖାଡ଼ଙ୍ଗା ସଂଯୋଜନା କରିଥିଲେ। ତନୁଜା ପାଟଶାଣୀ, ପ୍ରକାଶ ଚନ୍ଦ୍ର ସାହୁ, ଶାନ୍ତିଲତା ରଣା, ସରପଞ୍ଚ ଜୁଲିତା ଦାସ, ମଳୟ ରଞ୍ଜନ ପଣ୍ଡାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। କରୋନା ସଂକ୍ରମଣ ବଢ଼ୁଛି। ମାସ୍କ ପରିଧାନ କରିବାକୁ ବିଧାୟକ ପରାମର୍ଶ ଦେବା ସହ ସମସ୍ତ ପରିବାରକୁ ମାସ୍କ ବଣ୍ଟନ ଲାଗି ମିଶନ ଶକ୍ତି ଜରିଆରେ ବିଧାୟକ ପାଣ୍ଠିରୁ ସହାୟତା ପ୍ରଦାନ କରିଥିଲେ। ବିଜେଡିର ରୌପ୍ୟ ଜୟନ୍ତୀ ଉପଲକ୍ଷେ ରକ୍ତଦାନ ଶିବିର, ଚାରା ରୋପଣ, କ୍ରିକେଟ ମ୍ୟାଚ୍, ବକ୍ତୃତା, ଫୁଟ୍‌ବଲ ମ୍ୟାଚ୍ ଆଦି ଆୟୋଜନ ହେବ।

**'ତାରାରୋପଣ ଦ୍ୱାରା ପରିବେଶ ସନ୍ତୁଳନ ହେବ'**

ତିଗିରିଆ,(ଡି.ଏନ୍.ଏ.): ତିଗିରିଆ ବ୍ଲକ ଅନ୍ତର୍ଗତ ଜେମାଦେଇପୁର ପଞ୍ଚାୟତର ବାସୁଦେବପୁର ଗ୍ରାମ୍ୟ କମିଟି ପକ୍ଷରୁ ଶନିବାର ଗାଁ ପୋଖରୀ ସଂଲଗ୍ନ ରାସ୍ତାରେ ତାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ପୂର୍ବତନ ଜିଲା ପରିଷଦ ସଭ୍ୟ ମହେବୁବ୍ ଅହମ୍ମଦ ଖାଁ ଯୋଗଦେଇ ତାରାରୋପଣ ଦ୍ୱାରା ପରିବେଶ ସନ୍ତୁଳନ ହେବ ବୋଲି କହିଥିଲେ। ଏଥିସହ ଗୋଟିଏ ଗଛ ଗୋଟିଏ ମଣିଷ ସହିତ ସମାନ, ତେଣୁ ଏହାର ଦେଖାଶୁଣା କରିବା ଆମ ଦାୟିତ୍ୱ ବୋଲି ସେ ମତବ୍ୟକ୍ତ କରିଥିଲେ। ଏଥିରେ କମିଟି ସଭାପତି ଶିବ ପ୍ରସାଦ ପଣ୍ଡା ଉପସ୍ଥିତ ଥିଲେ।

# କଟକଣା ସତ୍ତ୍ୱେ ଚେତୁନାହାନ୍ତି

କଟକ ଅଫିସ, ୯।୭

■ଭୁଲି ଯାଉଛନ୍ତି ସାମାଜିକ ଦୂରତା
■ପିନ୍ଧୁ ନାହାନ୍ତି ମାସ୍କ

ରାଜ୍ୟରେ କରୋନା ସଂକ୍ରମଣ ବଢ଼ିବାରେ ଲାଗିଛି। ପ୍ରତିଦିନ ସଂକ୍ରମିତ ଚିହ୍ନଟ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି କଟକ ମହାନଗର ନିଗମ(ସିଏମ୍‌ସି) ଅଞ୍ଚଳରେ କରୋନା କଟକଣା ଜାରି କରାଯାଇଥିଲା। ହେଲେ ଏହି କଟକଣାକୁ ଲୋକମାନେ ମାନୁନାହାନ୍ତି। ଫଳରେ ଆଗାମୀ ଦିନରେ ଗୋଷ୍ଠୀ ସଂକ୍ରମଣ ବଢ଼ିବା ଆଶଙ୍କା ରହିଛି। ତେଣୁ ତୁରନ୍ତ ସିଏମ୍‌ସି ପକ୍ଷରୁ ଲୋକମାନଙ୍କୁ ଅଧିକ ମାତ୍ରାରେ ସଚେତନ କରାଯିବା ସହ କଟକଣା ଉଲ୍ଲଂଘନକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ଆବଶ୍ୟକତା ରହିଛି।

କଟକରେ କିଛିଦିନ ହେବ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଗତ ୨ ତାରିଖରେ ସିଏମ୍‌ସି ପକ୍ଷରୁ ସହରରେ ମାସ୍କ ବାଧ୍ୟତାମୂଳକ କରାଯାଇଥିଲା। ଏଥିସହ ଦୋକାନ, ହାଟ, ମଲ୍, ବିଭିନ୍ନ ଷ୍ଟୋର ଓ ସର୍ବସାଧାରଣ ସ୍ଥାନରେ ଲୋକମାନେ ପରସ୍ପର ମଧ୍ୟରେ ୨ ମିଟର ସାମାଜିକ ଦୂରତା ରକ୍ଷା କରିବା ପାଇଁ କଟକଣା ଜାରି କରାଯାଇଥିଲା। କଟକଣା ନ ମାନିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ମଧ୍ୟ କୁହାଯାଇଥିଲା। ଏହାସତ୍ତ୍ୱେ ଲୋକମାନେ ଚେତୁନାହାନ୍ତି। ଫଳରେ ସିଏମ୍‌ସିରେ ଏହି କଟକଣା ଫେଲ୍ ମାରିଛି। କଟକ ଏସ୍‌ସିବି ମେଡିକାଲ୍, ଛତ୍ରବଜାର ଓ ମାଲଗୋଦାମ ଭଳି ଜନଗହଳିପୂର୍ଣ୍ଣ ସ୍ଥାନରେ ଲୋକମାନେ ସାମାଜିକ ଦୂରତା ରକ୍ଷା କରୁ ନ ଥିବାବେଳେ ମାସ୍କ ପିନ୍ଧୁ ନ ଥିବା ଦେଖିବାକୁ ମିଳିଛି। ସେହିପରି ରାଜ୍ୟର ବିଭିନ୍ନ ସ୍ଥାନରୁ ବାଦାମବାଡି ବସ୍‌ଷ୍ଟାଣ୍ଡକୁ ଲୋକମାନେ ଆସୁଛନ୍ତି। ଦୀର୍ଘ ସମୟଧରି ଯାତ୍ରୀ ପ୍ରତୀକ୍ଷାଳୟରେ ବସ୍‌କୁ ଅପେକ୍ଷା କରି ବସୁଛନ୍ତି। ହେଲେ ସେମାନେ ମଧ୍ୟ ମାସ୍କ ପିନ୍ଧୁ ନ ଥିବା ଦେଖିବାକୁ ମିଳୁଛି। ଏପରି କି ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନରେ ମଧ୍ୟ କରୋନା କଟକଣା ପାଳନ କରାଯାଉନାହିଁ। କାଶ କିମ୍ବା ଛିଙ୍କ ହେଉଥିଲେ ସତର୍କତା ଅବଲମ୍ବନ କରିବା ଓ ସର୍ବସାଧାରଣ ସ୍ଥାନରେ ଛେପ, ଖଙ୍କାର ପକାଇବାକୁ ବାରଣ କରାଯାଇଛି। ଏହାକୁ ମଧ୍ୟ ଲୋକମାନେ ମାନୁନାହାନ୍ତି।


କଟକଣାକୁ ବେଖାତିର କରି କଟକ ଡଗରପଡା ଅଞ୍ଚଳରେ ଲୋକମାନେ ଏକତ୍ରିତ ହୋଇଥିବାବେଳେ ମାସ୍କ ପିନ୍ଧି ନାହାନ୍ତି।

ଏ ସମ୍ପର୍କରେ ସିଏମ୍‌ସି ମେୟର ସୁବାସ ସିଂ କହିଛନ୍ତି, କରୋନା ସଂକ୍ରମଣକୁ ରୋକିବା ପାଇଁ ସିଏମ୍‌ସି ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଉଛି। ଛାତ୍ରୀଛାତ୍ରଙ୍କ ସୁରକ୍ଷା ପାଇଁ କିଛିଦିନ ପୂର୍ବରୁ ସ୍କୁଲ ଓ କଲେଜ କର୍ତ୍ତୃପକ୍ଷଙ୍କୁ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଥିଲା। ଯେଉଁଥିରେ ଟିକାକରଣକୁ ବ୍ୟାପକ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ମାସ୍କ କଟକଣାକୁ ଆହୁରି କଡାକଡି କରାଯିବା ସହ ଜନଗହଳି ସ୍ଥାନରେ ସାମାଜିକ ଦୂରତା ରକ୍ଷା କରିବା ପାଇଁ ଲୋକମାନଙ୍କୁ ସଚେତନ କରାଯିବ।

## ୱାର୍ଡ ସ୍ଥିତି ଅନୁଧ୍ୟାନ କଲେ ମେୟର

କଟକ ଅଫିସ,୯।୭

କଟକ ମହାନଗର ନିଗମ ଅନ୍ତର୍ଗତ ୫୩ନଂ. ୱାର୍ଡ ପରିଦର୍ଶନ କରିଛନ୍ତି ମେୟର ସୁବାସ ସିଂ। ଶନିବାର ସେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଓ ୱାର୍ଡ କର୍ପୋରେଟର ଅରବିନ୍ଦ ଜେନାଙ୍କ ସହିତ ଉକ୍ତ ୱାର୍ଡର କଲ୍ୟାଣୀ ନଗର, ଅନ୍ଦରପୁର, ଶ୍ରୀକ୍ଷେତ୍ର ନଗର, ଦୁଲ୍ଲାଦେଇ ରୋଡ ଅଞ୍ଚଳ ପରିଦର୍ଶନ କରି ରାସ୍ତା, ନାଳନର୍ଦ୍ଦମାର ସ୍ଥିତି ଅନୁଧ୍ୟାନ କରିଥିଲେ। ଏଥିସହ ଅନ୍ଦରପୁରଠାରେ ଲୋକମାନଙ୍କ ସମସ୍ୟା ଶୁଣିଥିଲେ। ପ୍ରତ୍ୟେକ ଜାଗାରେ ଜାଇକା ସମସ୍ୟା ସହ ସଫେଇ କାର୍ଯ୍ୟକୁ ନେଇ ଲୋକମାନେ ମେୟରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମେୟର ସମସ୍ତ ଅଭିଯୋଗ ଶୁଣିସାରିବା ପରେ ଖୁବ୍‌ଶୀଘ୍ର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର, କର୍ପୋରେଟର ସୌଭାଗିନୀ ଜେନା, ୱାର୍ଡ ସଭାପତି ରଜନୀକାନ୍ତ ପରିଜା, ବିପିନ କୁମାର ଭୋଳ, ସୁଶାନ୍ତ ବେହେରା, ବ୍ୟୋମକେଶ କାନୁନ୍‌ଗୋ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଦୁଗ୍ଧ ଟ୍ୟାଙ୍କର ଦୁର୍ଘଟଣା ଗ୍ରସ୍ତ, ହେଲ୍‌ପର ମୃତ

କଟକ ସଦର,୯।୭(ଡି.ଏନ.ଏ.): କଟକ-ନୂଆଗାଁ ଜାତୀୟ ରାଜପଥର କନ୍ଦରପୁର ଥାନା ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଦୁଗ୍ଧ ଟ୍ୟାଙ୍କର ଦୁର୍ଘଟଣା ହୋଇଛି। ଏଥିରେ ଟ୍ୟାଙ୍କରର ହେଲ୍‌ପର ସୁରେନ୍ଦ୍ର ଲେଙ୍କା(୪୦)ଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ତାଙ୍କ ଘର ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ଗୋପାଳପୁର ଗ୍ରାମରେ ବୋଲି ଜଣାପଡିଛି। ପୋଲିସ ସୂତ୍ରରୁ ପ୍ରକାଶ, ବ୍ରହ୍ମପୁରରେ ଦୁଗ୍ଧ ଦେଇ ଟ୍ୟାଙ୍କର(ନଂ.ଓଡ଼ି୦୫ଜେ-୭୫୫୭)ଟି ତିର୍ତ୍ତୋଲ ଅଭିମୁଖେ ଯାଉଥିବାବେଳେ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଏହାପରେ ଚାଳକ ଫେରାର ହୋଇଯାଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଛି। ଏ ନେଇ ଥାନାରେ ଏକ ମାମଲା(ନଂ.୧୧୯/୨୨) ରୁଜୁ ହୋଇଛି।

### ଲକ୍ଷେଶ୍ୱରଙ୍କ ଜଳାଭିଷେକ ପ୍ରସ୍ତୁତି ବୈଠକ

ଫୁଲନଖରା,୯।୭(ଡି.ଏନ.ଏ.): ପାହାଳ ଥାନା ଅନ୍ତର୍ଗତ ନଖରା ଗ୍ରାମସ୍ଥିତ ଲକ୍ଷେଶ୍ୱର ମନ୍ଦିରରେ ଚଳିତବର୍ଷ ଶ୍ରାବଣ ମାସର ସୋମବାରରେ ବୋଲ୍‌ବମ୍ ଭକ୍ତମାନେ ଜଳଲାଗି କରିବେ। ତେବେ ଭକ୍ତମାନେ ସୁଚାରୁରୂପେ ଜଳଲାଗି କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଶନିବାର ଲକ୍ଷେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଲକ୍ଷେଶ୍ୱର ମନ୍ଦିର ଟ୍ରଷ୍ଟର ସଭାପତି ଅନନ୍ତ ଚରଣ ବରାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପାହାଳ ଥାନାଧିକାରୀ ଷ୍ଟାଲିନ ବିଶ୍ୱାଳ, ଟ୍ରଷ୍ଟ ସମ୍ପାଦକ ବଂଶୀଧର ଭୋଳ, ନଳିନୀ ସ୍ୱାଇଁ, ହେମନ୍ତ ସାହୁ, ଗୋବିନ୍ଦ ମହାରଣା ପ୍ରମୁଖ ଯୋଗଦେଇଥିଲେ। ଭକ୍ତଙ୍କ ପାଇଁ ମନ୍ଦିରରେ ବ୍ୟାରିକେଡ୍ ବ୍ୟବସ୍ଥା, ପାନୀୟ ଜଳ, ପରିମଳ ଓ ବିଶ୍ରାମ ପାଇଁ ବ୍ୟବସ୍ଥା କରାଯାଇଛି। ଏହି ବୈଠକରେ କିଶୋର ପଟ୍ଟନାୟକ, ଶକ୍ତି ପ୍ରସାଦ ପାଢ଼ୀ, ସୁଦର୍ଶନ ମଲ୍ଲିକ, ବଳରାମ ସାହୁ, ଅଭୟ ଜେନା, ସୁଶିଲ ପାଢ଼ୀ, ରମେଶ ଚନ୍ଦ୍ର ବେହେରା, ବିନୋଦ ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ମନୋରଞ୍ଜନ ଚନ୍ଦ୍ରାଦେଇପୁର ସମବାୟ ସମିତି ସଭାପତି

ସାଲେପୁର,୯।୭(ଡି.ଏନ୍.ଏ.): ଚନ୍ଦ୍ରାଦେଇପୁର ସେବା ସମବାୟ ସମିତିର ସଭାପତି ଭାବେ ମନୋରଞ୍ଜନ ଭୂୟାଁ ନିର୍ବାଚିତ ହୋଇଛନ୍ତି। ସଭାପତି ପଦ ପାଇଁ ନରେଶ ଭୂୟାଁ ଏବଂ ମନୋରଞ୍ଜନ ନାମାଙ୍କନପତ୍ର ଦାଖଲ କରିଥିଲେ। ଏଥିରେ ନରେଶ ୩ ଖଣ୍ଡ ଭୋଟ ପାଇଥିବାବେଳେ ମନୋରଞ୍ଜନ ୭ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ। ଏହାପରେ ମନୋରଞ୍ଜନଙ୍କୁ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ବରିଷ୍ଠ ବିଜେଡି ନେତା ନବକିଶୋର କର, ସହରାଞ୍ଚଳ ବିକାଶ ପରିଷଦର ଅଧ୍ୟକ୍ଷ ନନ୍ଦକିଶୋର ଭୂୟାଁ, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ନାୟକ, ଚନ୍ଦ୍ରାଦେଇପୁର ସରପଞ୍ଚ ପ୍ରତିନିଧି ମହେଶ୍ୱର ମଲ୍ଲିକ, ବିଜେଡି ଯୁବନେତା ହେମନ୍ତ ଭୂୟାଁ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ହାଇକୋର୍ଟ ପରିଦର୍ଶନ କଲେ ଆଇନ ଛାତ୍ରୀଛାତ୍ର


ହାଇକୋର୍ଟ ପରିଦର୍ଶନରେ ଆସିଥିବା ଢେଙ୍କାନାଳ ଆଇନ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅଧ୍ୟାପକ

କଟକ ଅଫିସ, ୯।୭

**ଜନସ୍ୱାର୍ଥ ମାମଲା ଶୁଣାଣିର ଭିଡିଓ କ୍ଲିପ ଦେଖିଲେ**

ଢେଙ୍କାନାଳ ଆଇନ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅଧ୍ୟାପକ ଶନିବାର ହାଇକୋର୍ଟ ପରିଦର୍ଶନ କରିଥିଲେ। ଏହି ସମୟରେ ଆଇନଜୀବୀ ସିଦ୍ଧାର୍ଥ ଶଙ୍କର ପାଢୀ, ସାଗରିକା ସାମଲ ଓ ଜଗଦୀଶ ବିଶ୍ୱାଳ ଉପସ୍ଥିତ ଥିଲେ। ଆଇନଜୀବୀମାନେ ଛାତ୍ରୀଛାତ୍ରଙ୍କୁ ନ୍ୟାୟିକ କାର୍ଯ୍ୟକ୍ରମର ବିଭିନ୍ନ ଦିଗ ବିଷୟରେ କହିଥିଲେ। ଛାତ୍ରୀଛାତ୍ରମାନେ ହେରିଟେଜ୍ ବିଲ୍ଡିଂରେ ଥିବା ମୁଖ୍ୟ ବିଚାରପତିଙ୍କ କୋର୍ଟ ଏବଂ ଚାମ୍ବର ସହ ହାଇକୋର୍ଟର ନୂଆ ଭବନ, ବିଚାରପତିଙ୍କ ପୁସ୍ତକାଳୟ ଏବଂ ସମ୍ମିଳନୀ କକ୍ଷ ଦେଖିଥିଲେ। ଏଥିସହ ଆଇନଜୀବୀମାନେ ଛାତ୍ରୀଛାତ୍ରଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ସେହିପରି ବିଚାରପତିମାନଙ୍କ ଶପଥ ଗ୍ରହଣ ସମାରୋହର ଭିଡିଓ କ୍ଲିପ ଦେଖିବା ସହ ତାହାର ପ୍ରକ୍ରିୟା ବିଷୟରେ ସେମାନଙ୍କୁ କୁହାଯାଇଥିଲା। ମୁଖ୍ୟ ବିଚାରପତିଙ୍କ କୋର୍ଟ ରୁମ୍‌ରେ ଏକ ଜନସ୍ୱାର୍ଥ ମାମଲା ଶୁଣାଣିର ଭିଡିଓ କ୍ଲିପ ଛାତ୍ରୀଛାତ୍ରମାନେ ଦେଖିଥିଲେ। ଏହାପରେ ସେମାନେ ଆଇନ ସେବା ଭବନରେ ଥିବା ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ଓ ହାଇକୋର୍ଟର ମଧ୍ୟସ୍ଥତା କେନ୍ଦ୍ର ପରିଦର୍ଶନ କରିଥିଲେ। ସେହିପରି ଓଡ଼ିଶା ଜୁଡିସିଆଲ ଏକାଡେମୀରେ ଆଇନଜୀବୀ ଓ ବିଚାରପତିମାନଙ୍କ ପାଇଁ ପ୍ରସ୍ତୁତ କରାଯାଇଥିବା ବିଭିନ୍ନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦିଆଯାଇଥିଲା। ଏଥିସହ ସେମାନେ ବିଚାରପତି ଭି. ନରସିଂହଙ୍କ ସହ କଥା ହୋଇଥିଲେ। ଭଲ ଓକିଲ ଏବଂ ବିଚାରପତି ହେବାକୁ ନରସିଂହ ପ୍ରୋତ୍ସାହିତ କରିଥିଲେ। ସୂଚନାଯୋଗ୍ୟ, ୨୦୨୧ ମସିହାରେ ଶିଶୁ ଦିବସ ଅବସରରେ ପ୍ରଥମ ଥର ପାଇଁ ହାଇକୋର୍ଟ ପରିସରକୁ ଛାତ୍ରୀଛାତ୍ରଙ୍କ ପରିଦର୍ଶନ ଲାଗି ଖୋଲା ଯାଇଥିଲା। ସେବେଠାରୁ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ସହ ଅନ୍ୟ ସଂସ୍ଥାନର ଛାତ୍ରୀଛାତ୍ରମାନେ ହାଇକୋର୍ଟ, ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ଏବଂ ଓଡ଼ିଶା ଜୁଡିସିଆଲ ଏକାଡେମୀ ପରିଦର୍ଶନ କରିଛନ୍ତି। ହେଲେ ଛୁଟିଦିନରେ ପ୍ରଥମ ଥର ପାଇଁ ଆଇନ ଛାତ୍ରୀଛାତ୍ରମାନେ ହାଇକୋର୍ଟ ବୁଲିଛନ୍ତି। ନ୍ୟାୟପାଳିକାର ବାସ୍ତବିକ କାର୍ଯ୍ୟ ପ୍ରଣାଳୀରେ ପାରଦର୍ଶିତା ଆଣିବା ଏହି ପରିଦର୍ଶନର ମୁଖ୍ୟ ଉଦ୍ଦେଶ୍ୟ।

## ସାରଳା ସାହିତ୍ୟ ସଂସଦର ମୁମ୍ବାଇ ଶାଖା ଉଦ୍‌ଘାଟିତ

କଟକ ଅଫିସ, ୯।୭

ସାରଳା ସାହିତ୍ୟ ସଂସଦର ମୁମ୍ବାଇଠାରେ ଏକ ଶାଖା ଉଦ୍‌ଘାଟିତ ହୋଇଯାଇଛି। ଏହି ଉପଲକ୍ଷେ ମୁମ୍ବାଇର ଉଟାନି ଟାୱାର ସମ୍ମିଳନୀ କକ୍ଷରେ ଆୟୋଜିତ ଉତ୍ସବକୁ ମରାଠୀ ସାହିତ୍ୟିକ ପ୍ରବୀନ ଦଭନେ ଉଦ୍‌ଘାଟନ କରି କହିଥିଲେ, ମୁମ୍ବାଇରେ ଓଡ଼ିଶାର ପ୍ରସିଦ୍ଧ ସାହିତ୍ୟ ଅନୁଷ୍ଠାନ ସାରଳା ସାହିତ୍ୟ ସଂସଦ ଶାଖା ସ୍ଥାପନ କରିବା ଏକ ଅଭିନନ୍ଦନୀୟ ପଦକ୍ଷେପ। ଏହା ଓଡ଼ିଆ ଏବଂ ମରାଠୀ ଭାଷା ସାହିତ୍ୟ ମଧ୍ୟରେ ସମ୍ପର୍କର ଦୃଢ ସେତୁ ଭାବେ କାମ କରିବ। ସାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ଓ ସଭାପତି ଇଂ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ପଙ୍କଜ ରାଉତ ଓ ମରାଠୀ ନାଟ୍ୟକାର ବିଜୟ ନିସିଆ ଯୋଗଦେଇଥିଲେ। ଶାଖାର ଯୁଗ୍ମ ଆବାହିକା କବିତା ମହାପାତ୍ର ସ୍ୱାଗତ ଭାଷଣ, ଆଡ୍‌ଭୋକେଟ୍ ଲକ୍ଷ୍ମୀ ପ୍ରକାଶ ମହାପାତ୍ର ଅତିଥି ପରିଚୟ ଓ କୀର୍ତ୍ତି କୁମାର କ୍ରିଷ୍ଣାକଡୁ ଧନ୍ୟବାଦ ଦେଇଥିଲେ। ନୀଳେଶ କଡୁ, କାନ୍ତା କୀର୍ତ୍ତି କୁମାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୩୨ ସ୍କୁଲର ମାଟ୍ରିକ ଫଳାଫଳ ଶତ ପ୍ରତିଶତ

ଖୁଣ୍ଟୁଣୀ,୯।୭(ଡି.ଏନ.ଏ)

ଚଳିତବର୍ଷର ମାଟ୍ରିକ ପରୀକ୍ଷାଫଳ ଆଠଗଡ଼-ତିଗିରିଆ ନିର୍ବାଚନମଣ୍ଡଳୀ ପାଇଁ ଗୌରବ ଆଣିଛି। ଏହି ସଫଳତାର ଶ୍ରେୟ ଆଠଗଡ଼ ବିଧାୟକଙ୍କ ପ୍ରେରଣା ତଥା ନିଷ୍ପାପର ଉଦ୍ୟମରେ ୨୦୧୪ରେ ଗଠିତ ଶିକ୍ଷାବିତ୍ ଫୋରମ ଯୋଗୁ ସମ୍ଭବ ହୋଇଛି ବୋଲି ଶୁକ୍ରବାର ଖୁଣ୍ଟୁଣୀ ରାଧାନାଥ ରଥ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଶିକ୍ଷାବିତ୍ ଫୋରମ ଆଠଗଡ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଆଠଗଡ଼ ବ୍ଲକର ୩୫ ଓ ତିଗିରିଆ ବ୍ଲକର ୧୩ଟି ହାଇସ୍କୁଲରୁ ମୋଟ୍ ୨୮୯୭ ପିଲା ଚଳିତବର୍ଷ ମାଟ୍ରିକ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୨୮୫୫ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଆଠଗଡ଼ର ପାସ୍‌ହାର ୯୮ ପ୍ରତିଶତ ଥିବାବେଳେ ଏ-୧ ଗ୍ରେଡ୍‌ରେ ୩୪, ଏ-୨ ଗ୍ରେଡ୍‌ରେ ୨୮୦, ବି-୧ ଗ୍ରେଡ୍‌ରେ ୪୨୪, ବି-୨ ଗ୍ରେଡ୍‌ରେ ୪୬୧, ସି ଗ୍ରେଡ୍‌ରେ ୪୦୧, ଡି ଗ୍ରେଡ୍‌ରେ ୨୫୯, ଇ ଗ୍ରେଡ୍‌ରେ ୬୨ ଓ ଏଫ୍ ଗ୍ରେଡ୍‌ରେ ୩୨ଜଣ ବିଦ୍ୟାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ୨୪ଟି ବିଦ୍ୟାଳୟର ଫଳାଫଳ ଶତ ପ୍ରତିଶତ ହୋଇଛି। ସେହିପରି ତିଗିରିଆ ବ୍ଲକର ୧୩ଟି ବିଦ୍ୟାଳୟରୁ ୯୧୧ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ସେଥିମଧ୍ୟରୁ ୯୦୨ଜଣ କୃତକାର୍ଯ୍ୟ ହୋଇଛନ୍ତି। ଏ-୧ ଗ୍ରେଡ୍‌ରେ ୨୭, ଏ-୨ ଗ୍ରେଡ୍‌ରେ ୨୦୨, ବି-୧ ଗ୍ରେଡ୍‌ରେ ୩୧୬, ବି-୨ ଗ୍ରେଡ୍‌ରେ ୨୦୮,ସି ଗ୍ରେଡ୍‌ରେ ୯୦, ଡି ଗ୍ରେଡ୍‌ରେ ୪୬, ଇ ଗ୍ରେଡ୍‌ରେ ୧୩ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ତିଗିରିଆ ବ୍ଲକର ୮ଟି ସ୍କୁଲରେ ଫଳାଫଳ ଶତ ପ୍ରତିଶତ ରହିଛି। କରୋନା ମହାମାରୀର ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ବିଦ୍ୟାର୍ଥୀମାନେ ଯେଉଁ ସଫଳତା ପାଇଛନ୍ତି ତାହା ଆଠଗଡ଼-ତିଗିରିଆ ନିର୍ବାଚନମଣ୍ଡଳୀ ପାଇଁ ଗୌରବ ଆଣିଦେଇଛି ବୋଲି ଫୋରମ ପକ୍ଷରୁ କୁହାଯାଇଛି। ମାଟ୍ରିକ୍‌ରେ ଉତ୍ତମ ସଫଳତା ପ୍ରତିପାଦିତ କରିଥିବା ଛାତ୍ରୀଛାତ୍ରଙ୍କୁ ଫୋରମ ପକ୍ଷରୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହିତ ନିଜ ନିର୍ବାଚନମଣ୍ଡଳୀକୁ ଶିକ୍ଷାକ୍ଷେତ୍ରରେ ୧ନଂ. କରିବା ପାଇଁ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରେରଣା ଓ ମାର୍ଗ ଦର୍ଶନରେ ଗଠିତ ଶିକ୍ଷାବିତ୍ ଫୋରମକୁ କୃତଜ୍ଞତା ଜଣାଇଥିଲେ। ଫୋରମ୍‌ର ସମ୍ପାଦକ ଶଶିଭୂଷଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ରାମଚନ୍ଦ୍ର ସାହୁ, ନିରଞ୍ଜନ ପତ୍ରି ଓ ଦୀପ୍ତିରଞ୍ଜନ ବାରିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଶଶିକାନ୍ତ ବେହେରାଙ୍କୁ ସଂଗ୍ରାମ କେଶରୀ ସେବାରତ୍ନ ସମ୍ମାନ

କଟକ ଅଫିସ, ୯।୭

ଅଭୀପ୍‌ସା ଅନୁଷ୍ଠାନ ପକ୍ଷରୁ ରାଜ୍ୟସ୍ତରୀୟ କବି ସମ୍ମିଳନୀ ଓ ଆଲୋଚନାଚକ୍ର କଟକ ବଙ୍ଗାଳିସାହିସ୍ଥିତ ଶ୍ୟାମଉମା ଭବନଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ବିଦ୍ୟୁତ୍ କୁମାରୀ ଲାଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ କବିରତ୍ନ ବିଶ୍ୱନାଥ କର, ଡା. ରବି ରଞ୍ଜନ ସାହୁ, ଆଇନଜୀବୀ ବାମଦେବ ବରାଳ, ସୁଲତା ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସାମାଜିକ କର୍ମୀ ଶଶିକାନ୍ତ ବେହେରାଙ୍କୁ ନବମ ସଂଗ୍ରାମ କେଶରୀ ସେବାରତ୍ନ ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିରେ ଆଶୁକବି ପ୍ରଦୀପ ଆଡ୍ୟ ସ୍ୱାଗତ ଭାଷଣ ଓ ସ୍ମିତ ଷଡଙ୍ଗୀ ଭଜନ ପରିବେଷଣ କରିଥିଲେ। ମମିତା ସ୍ୱାଇଁ, ସୁବାସ ଚନ୍ଦ୍ର ମହାନ୍ତି, ପ୍ରଫୁଲ୍ଲ ବେହେରା, ଲିଜାଲିନ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଜେଡି ପକ୍ଷରୁ ମାଟ୍ରିକ୍ ମେଧାବୀଙ୍କୁ ସମ୍ବର୍ଦ୍ଧନା

ତିଗିରିଆ,୯।୭(ଡି.ଏନ୍.ଏ.)

ତିଗିରିଆ ବ୍ଲକ ବିଜେଡି ପକ୍ଷରୁ ସ୍ଥାନୀୟ ବିଧାୟକ ତଥା ରାଜ୍ୟ କୃଷି, ପ୍ରାଣୀ ଓ ମତ୍ସ୍ୟ ସମ୍ପଦ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ମାଟ୍ରିକ୍‌ପରୀକ୍ଷାରେ ତିଗିରିଆ ଅଞ୍ଚଳର ମାଟ୍ରିକ୍ ମେଧାବୀ ଛାତ୍ରୀଛାତ୍ରଙ୍କୁ ଶନିବାର ସମ୍ବର୍ଦ୍ଧନା ଦିଆଯାଇଛି। ଦଳ ସଭାପତି ହିମାଂଶୁ ଶେଖର ସ୍ୱାଇଁଙ୍କ ନେତୃତ୍ୱରେ କର୍ମୀମାନେ ବ୍ଲକରେ ଏ-୧ରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କ ଘରକୁ ଯାଇ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହ ମିଠା ଖୁଆଇ ଥିଲେ।

## ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ

ମଙ୍ଗୁଳି,୯।୭(ଡି.ଏନ. ଏ)

ଜଗତ୍‌ପୁର ଥାନା ଅଧୀନ ଗୋଲେଇ ଛକ ନିକଟ ଏକ ଚା' ଦୋକାନରେ ଶନିବାର ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଛି। ସେ ହେଲେ ସାଲେପୁର ଥାନା ଅଧୀନ ନେମାଳ ଗ୍ରାମର ସୁମନ୍ତ କୁମାର ଦାସ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ସୁମନ୍ତଙ୍କୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନା ପଠାଇଥିଲା। ଏହି ଘଟଣାରେ ସୁମନ୍ତଙ୍କ ଶାଳକ ବିକ୍ରମ ବିଶ୍ୱାଳଙ୍କୁ ଅଟକ ରଖିଛି। ଘଟଣାସ୍ଥଳରୁ ଗୋଟିଏ ଭୁଜାଲି, କଟୁରି ଓ ରଡ୍ ଜବତ କରିଛି। ସୁମନ୍ତ ଅଭିଯୋଗ କରିବା ପରେ ଥାନାରେ ଏକ ମାମଲା(ନଂ.୨୮୪/୨୨) ରୁଜୁ ହୋଇଛି। ସୁମନ୍ତ ୩ବର୍ଷ ତଳେ ଜଗତ୍‌ପୁର ଥାନା ଅଧୀନ ଗଣିପୁର ଗ୍ରାମର ଅର୍ଜୁନ ବିଶ୍ୱାଳଙ୍କ ଝିଅଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହର ୩ ମାସ ପରେ ସୁମନ୍ତଙ୍କ ସ୍ତ୍ରୀ କୌଣସି କାରଣକୁ ନେଇ ବାପଘରକୁ ପଳାଇଥିଲେ। ପରେ ଆଉ ଶ୍ୱଶୁର ଘରକୁ ଫେରି ନ ଥିଲେ। ଏହାକୁ ନେଇ ଉଭୟ ପରିବାର ମଧ୍ୟରେ ଝଗଡା ଲାଗି ରହିଥିଲା। ସୁମନ୍ତଙ୍କ ବଡଭାଇ ଶରତ ଦାସ ଜଗତ୍‌ପୁର ଗାନ୍ଧୀନଗରରେ ରହୁଥିଲେ। ଶନିବାର ସୁମନ୍ତ ତାଙ୍କ ଭାଇଙ୍କୁ ଦେଖା କରିବାକୁ ସେଠାକୁ ଆସିଥିଲେ। ସେଠାରୁ ଫେରିବା ପରେ ଜଗତ୍‌ପୁର ଗୋଲେଇ ଛକ ନିକଟ ଦୋକାନରେ ଚା' ପିଉଥିବାବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଶାଳକ ବାପି ବିଶ୍ୱାଳ, ବିକ୍ରମ ବିଶ୍ୱାଳଙ୍କ ସହ ଅନ୍ୟ ତିନିଜଣ ଯୁବକ ପହଞ୍ଚି ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଖବରପାଇ ସୁମନ୍ତଙ୍କ ଦୁଇ ଭାଇ ଓ ସ୍ଥାନୀୟ ଲୋକ ପହଞ୍ଚିବାରୁ ଅଭିଯୁକ୍ତମାନେ ଦୌଡ଼ି ପଳାଇଥିଲେ।

# ବାହୁଡ଼ିଲେ ତିନି ଠାକୁର, ଆଜି ସୁନାବେଶ


କଟକ ଚାନ୍ଦିନୀଚୌକଠାରେ ମା' ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣୁଛନ୍ତି।


କଟକ ଦୋଳମୁଣ୍ଡାଇ ଜଗନ୍ନାଥ ମନ୍ଦିର ସମ୍ମୁଖରେ ତିନି ରଥ।


ଆଠଗଡ଼ସ୍ଥିତ ଅଟାଳି ଜଗନ୍ନାଥଙ୍କ ବାହୁଡ଼ାଯାତ୍ରା

କଟକ ଅଫିସ/ଚୌଦ୍ୱାର/ସାଲେପୁର/ଆଠଗଡ଼,୯।୭(ଡି.ଏନ.ଏ./ସ୍ୱ.ପ୍ର.)

ଗୁଣ୍ଡିଚା ମନ୍ଦିରରେ ୯ ଦିନର ରହଣି ପରେ ଭଉଣୀ ସୁଭଦ୍ରା ଓ ବଡ଼ଭାଇ ବଳଭଦ୍ରଙ୍କୁ ସାଙ୍ଗରେ ଧରି ଶନିବାର ସ୍ୱମନ୍ଦିର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ଭକ୍ତଙ୍କ ମେଳରେ ଲୀଳାଖେଳା କରି ବାହୁଡିଛନ୍ତି କାଳିଆ ଠାକୁର। ସୁସଜ୍ଜିତ ରଥରେ ବସାଇ ଘଣ୍ଟ ଘଣ୍ଟା ସାଙ୍ଗକୁ ଶଙ୍ଖ, ହୁଳହୁଳିରେ ଠାକୁରଙ୍କୁ ତିନି ରଥରେ ବାହୁଡାଇ ଆଣିଛନ୍ତି ଶ୍ରଦ୍ଧାଳୁ। ଶ୍ରୀଜୀଉଙ୍କ ବାହୁଡାଯାତ୍ରା ଦେଖିବା ପାଇଁ ଉତ୍ସବ ମୁଖର ହୋଇଥିଲା କଟକ ସହର। ତେବେ ସନ୍ଧ୍ୟାସୁଦ୍ଧା ସମସ୍ତ ରଥ ମନ୍ଦିର ନିକଟରେ ପହଞ୍ଚିଥିବା ଜଣାପଡିଛି। କଟକ ଚାନ୍ଦିନୀଚୌକ, ଦୋଳମୁଣ୍ଡାଇ ଓ ରାଣୀହାଟଠାରେ ବାହୁଡାଯାତ୍ରା ଅନୁଷ୍ଠିତ ହୋଇଥିଲା। କାଫଲା ଫାଣ୍ଡି ସମ୍ମୁଖ ଗୁଣ୍ଡିଚା ମନ୍ଦିରରେ ଠାକୁରଙ୍କୁ ପୂଜାର୍ଚ୍ଚନା ପରେ ରଥାରୂଢ଼ କରାଯାଇଥିଲା। ପରେ ଶ୍ରଦ୍ଧାଳୁମାନେ ଅପରାହ୍ଣ ୩ଟାରେ ରଥକୁ ଟାଣି ନେଇ ସନ୍ଧ୍ୟା ୭ଟାରେ ଚାନ୍ଦିନୀଚୌକସ୍ଥିତ ଜଗନ୍ନାଥ ମନ୍ଦିର ସମ୍ମୁଖରେ ପହଞ୍ଚିଥିଲେ।

ସେହିପରି ହରିପୁର-ଦୋଳମୁଣ୍ଡାଇ ପୂଜା କମିଟି ଆନୁକୂଲ୍ୟରେ ଦୋଳମୁଣ୍ଡାଇରେ ବାହୁଡାଯାତ୍ରା ଅନୁଷ୍ଠିତ ହୋଇଥିଲା। ଠାକୁରଙ୍କୁ ପହଣ୍ଡିରେ ରଥାରୂଢ଼ କରାଯିବା ପରେ ବ୍ରଜକିଶୋର ପ୍ରଧାନ ଛେରାପହଁରା କରିଥିଲେ। ପରେ ଅପରାହ୍ଣ ୪ଟାରେ ଭକ୍ତମାନେ ରଥ ଟାଣିନେଇ ୫ଟା ସୁଦ୍ଧା ମନ୍ଦିର ନିକଟରେ ପହଞ୍ଚିଥିଲେ। ସେହିପରି ରାଣୀହାଟ, ଖାନ୍‌ନଗରସ୍ଥିତ ଜଗନ୍ନାଥ କଲୋନୀରେ ମଧ୍ୟ ବାହୁଡା ଯାତ୍ରା ହୋଇଥିଲା। ରବିବାର ଠାକୁରଙ୍କ ସୁନାବେଶ ହେବ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ ଜଣାପଡିଛି। ଚୌଦ୍ୱାର ପୌରାଞ୍ଚଳ ଓ ଏହାର ଆଖପାଖ ଅଞ୍ଚଳରେ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଥିଲା। ଚାରବାଟିଆ ହାଉସିଂବୋର୍ଡସ୍ଥିତ ମାଉସୀ ମା' ମନ୍ଦିରରେ ଠାକୁରଙ୍କ ନୀତିକାନ୍ତି ପରେ ରଥାରୂଢ଼ କରାଯାଇଥିଲା। ଅପରାହ୍ନରେ ଶ୍ରଦ୍ଧାଳୁମାନେ ରଥ ଟାଣିନେଇ ଶ୍ରୀଜଗନ୍ନାଥ ମନ୍ଦିର ନିକଟରେ ପହଞ୍ଚିଥିଲେ।

ସାଲେପୁର ବ୍ଲକର ବିଭିନ୍ନ ସ୍ଥାନରେ ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ମହାଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବେଲହୁଡ଼ା ଗୁଣ୍ଡିଚା ମା' ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଣ୍ଡିରେ ନିଆଯାଇ ରଥାରୂଢ଼ କରାଯାଇଥିଲା। ଏହାପରେ ରଥଟଣା ଯାଇ ନିର୍ଦ୍ଧାରିତ ସମୟ ପୂର୍ବରୁ ଜଗନ୍ନାଥ ମନ୍ଦିର ନିକଟରେ ପହଞ୍ଚିଥିଲା। ସେହିପରି ରୋଧପୁର, ଉରବଟେଶ୍ୱର, ବେଙ୍ଗସାହୁ କଲୋନୀ, ବୋଦାମୁଣ୍ଡାଇ, ପୁରୁଷୋତ୍ତମପୁର, ଶିଶୁଆ, ମାଛୁଆତି, ଛାଣିପୁର ଆଦି ସ୍ଥାନରେ ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି।